ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ଜୁଲାଇ ୬

# ରେଳବାଇକୁ ଶନିଦଶା !



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଆନ୍ଧ୍ର ପ୍ରଦେଶର ବିଜୟନଗମର ଜିଲ୍ଲାରେ ଟ୍ରେନ ଦୁର୍ଘଟଣା, ଯେଉଁଥିରେ ୧୩ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବାବେଳେ ୩୮ଜଣ ଆହତ ହୋଇଥିଲେ, କେବଳ ବାଲେଶ୍ୱର ଜିଲ୍ଲାର ବାହାନଗା ରେଳ ଦୁର୍ଘଟଣାର ଦୁଃଖଦ ପରିସ୍ଥିତିକୁ ମନେ ପକାଇ ଦେଇନାହିଁ, ରେଳ ନିରାପତା ବ୍ୟବସ୍ଥାରେ ତ୍ରୁଟି, ଅପରାଗତା ପୁରି ପଦାରେ ପକାଇ ଦେଇଛି ବୋଲି କୁହାଯାଇପାରିବ। କେବଳ ଏତିକି ନୁହେଁ, ବିଜୟନଗରମ୍ ଜିଲ୍ଲାର କଂଟକାପାଲ୍ଲିଠାରେ ଘଟିଥିବା ରେଳ ଦୁର୍ଘଟଣା ମଣିଷକୃତ ବୋଲି ଖୋଦ ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। କଂଟକାପାଲୀ ଷ୍ଟେସନରେ ବିଶାଖାପାଟନମ୍-ପଲାସା ଟ୍ରେନ ଛିଡା ହୋଇଥିବାବେଳେ ପଛପଟୁ ବିଶାଖାପାଟଣାମ୍-ରାୟଗଡା ଯାତ୍ରୀ ଟ୍ରେନ ଧକ୍କା ଦେଇଥିଲା। ତହିଁରେ ଉଭୟ ଟ୍ରେନର ଦୁଇଟି ଲେଖାଏଁ ବଗି ଲାଇନଚ୍ୟୁତ ହୋଇଥିଲା। ସ୍ମରଣ କରାଯାଇପାରେ ଯେ, ଗତ ଜୁନ ମାସରେ ବାଲେଶ୍ୱର ଜିଲ୍ଲାର ବାହାନଗାଠାରେ ତିନୋଟି ଟ୍ରେନ ମଧ୍ୟରେ ଧକ୍କାର ହୃଦୟ ବିଦାରକ ଦୁର୍ଘଟଣା ପରେ ଏହା ମାତ୍ର ଚାରି ମାସ ପରେ ସମାନ ଢଙ୍ଗରେ ଦ୍ୱିତୀୟ ବଡ ଧରଣର ଦୁର୍ଘଟଣା। ଯେଉଁଠାରେ ୨୭୫ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବାବେଳେ ଶହଶହ ଯାତ୍ରୀ ଆହତ ହୋଇଥିଲେ। ଉଭୟ ଦୁର୍ଘଟଣାରେ ମାନବାକୃତ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି ବୋଲି କୁହାଯାଇପାରେ। ଚାରିମାସ ମଧ୍ୟରେ ଦୁଇଟି ରେଳ ଦୁର୍ଘଟଣା ମାନବକୃତ ବୋଲି କୁହାଯାଉଥିବାବେଳେ ସମାନ ଢଙ୍ଗରେ କିଭଳି ତାହା ବାରମ୍ବାର ଘଟୁଛି, ଏବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ବାହାନଗାରେ ଭୟାବହ ଟ୍ରେନ ଦୁର୍ଘଟଣା, ଯାହାକୁ କି ଦେଶର ସବୁଠାରୁ ଭୟାନକ, ଏପରି ଘଟଣାର ଆଉ ପୁନରାବୃତି ହେବ ନାହିଁ ବୋଲି ରେଳବାଇ କିମ୍ବା ସରକାର ଜନସାଧାରଣଙ୍କୁ ନିର୍ଭର ପ୍ରତିଶ୍ରୁତି ଦେବା ଭଳି କୌଣସି ଫଳପ୍ରଦ ପଦକ୍ଷେପ କିମ୍ବା ଅଭିଯାନ ଗ୍ରହଣ କରିନଥିବା କଂଟକାପାଲ୍ଲୀ ଦୁର୍ଘଟଣା ସଂକେତ ପ୍ରଦାନ କରୁଛି ବୋଲି କହିଲେ ଭୁଲ ହୋଇନପାରେ। ଏହା ସତ୍ୟ ଯେ, ଭାରତୀୟ ରେଳବାଇ ହେଉଛି ବିଶ୍ୱର ସବୁଠାରୁ ବୃହତମ ରେଳନେଟୱାର୍କ ଏବଂ ଯାତ୍ରୀ ପରିବହନ କ୍ଷେତ୍ରରେ ସର୍ବବୃହତ ମାଧ୍ୟମ ୭ହଜାର ୫୦୦ରୁ ଉର୍ଦ୍ଧ୍ୱ ଯାତ୍ରୀବାହୀ ଟ୍ରେନ ଦୈନିକ ଚଳାଚଳ କରୁଥିବାବେଳେ ଏଥିରେ ୨୦କୋଟିରୁ ଅଧିକ ଯାତ୍ରୀ ଯାତାୟତ କରିଥାନ୍ତି। ସେହିପରି ୬ହଜାରରୁ ଉର୍ଦ୍ଧ୍ୱ ମାଲବାହୀଟ୍ରେନ ମଧ୍ୟ ଚଳାଚଳ କରିଥାଏ। ଯେଉଁଥିରେ ଲକ୍ଷ ଲକ୍ଷ ମେଟ୍ରିକ ଟନ୍ ମାଲ ଦୈନିକ ପରିବହନ ହୋଇଥାଏ। ରେଳବାଇ ରାଜସ୍ୱ ଆୟ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସତ୍ତ୍ୱେ ଯାତ୍ରୀ ନିରାପତା ପ୍ରତି ବିଭାଗ ସମ୍ପୂର୍ଣ୍ଣ ଆଖିବୁଜି ଦେଇଛି ବୋଲି କହିଲେ ଅତିରଂଜିତ ହେବ ନାହିଁ। ଏବେ ସରକାର ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ ଚଳାଚଳରୁ ଏକ ପ୍ରମୁଖ ସଫଳତା ବୋଲି ଡିଣ୍ଡିମ ପିଟୁଥିବାବେଳେ ଯାତ୍ରୀ ଓ ମାଲପରିବହନ ନିରାପତା ପ୍ରତି ଯେତିକି ଦୃଷ୍ଟି, ଧ୍ୟାନ ଏବଂ ଅଗ୍ରାଧିକାର ଦେବା କଥା ତାହା ଦେଉନଥିବା ମନେହୁଏ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଗତ ୯ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୪ରୁ ୨୦୨୩ ମଧ୍ୟରେ ଛୋଟବଡ ୧୨୧ଟି ଦୁର୍ଘଟଣା ଘଟିଥିବା ଏକ ରିପୋର୍ଟରୁ ଜଣାଯାଇଛି। ରେଳ ଲାଇନଚ୍ୟୁତ ହେବା ଏକ ନିୟମିତ ଘଟଣାରେ ପରିଣତ ହୋଇଥିବାବେଳେ କେଉଁଠି ଟ୍ରେନରେ ନିଆଁ ଲାଗିଗଲାଣି ତ କେଉଁଠି ବଗି ଛାଡି ଇଂଜିନ ଚାଲିଗଲାଣି। ସେହିପରି ଟ୍ରେନ ପଥଭ୍ରଷ୍ଟ ଅର୍ଥାତ ବାଟବଣା ହୋଇ ଲକ୍ଷ୍ୟସ୍ଥଳ ପରିବର୍ତେ ଅନ୍ୟତ୍ର ଚାଲିଯାଉଥିବା ଖବର ଗଣମାଧ୍ୟମର ଶିରୋନାମା ପାଲଟିଛି। ଏଥିରୁ ରେଳ କର୍ମଚାରୀଙ୍କ ଠାରୁ ଅଫିସର କର୍ମକର୍ତା, କେତେ ତତ୍ପର ତାହା ସ୍ପଷ୍ଟ ବୁଝାପଡେ। ଏଥିରେ ସନ୍ଦେହନାହିଁ ଯେ, ୨୦୨୩ରେ ରେଳବାଇ ଯେଉଁ ଭଳି ସଂକଟ ସମସ୍ୟାର ସମ୍ମୁଖୀନ ହୋଇଛି, ପୂର୍ବରୁ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥିଲା ପରି ମନେ ହେଉନାହିଁ। ସଂକ୍ଷେପରେ ଭାରତୀୟ ରେଳବାଇକୁ ଏବେ ଶନିଦଶା ଗ୍ରାସ କରିଛି ବୋଲି କୁହାଯାଇପାରେ। କହିବା ଅଯଥାର୍ଥ ହେବ ନାହିଁ ଯେ, ଯାତ୍ରୀ ନିରାପତା ହେଉଛି ରେଳବାଇର ପ୍ରଥମ ଏବଂ ପ୍ରଧାନ କର୍ତବ୍ୟ ମାତ୍ର ଏଥିପ୍ରତି ଆଖିବୁଜା ଦେଇଥିବା କ୍ରମାଗତ ଘଟଣାବଳି ସଂକେତ ପ୍ରଦାନ କରେ। ଯେଉଁସବୁ କ୍ରମାଗତ ସଂକଟ ଓ ସମସ୍ୟା ଦୈନନ୍ଦିନ କାର୍ଯ୍ୟରେ ଲାଗି ରହିଛି, ସେ ନେଇ ରେଳବାଇ ବିଶ୍ଳେଷଣ କରିବା ଉଚିତ। ସିଗନାଲ ସିଷ୍ଟମ ଏବଂ ଟେଲିକମ୍ୟୁନିକେସନର ଅପଗ୍ରେଡେସନ ପ୍ରତି ରେଳବାଇ ଯଥେଷ୍ଟ ଗୁରୁତ୍ୱ ଦେଉନାହିଁ, ଯାହାକି ସିଗନାଲ ତୃଟିରୁ ଦୁର୍ଘଟଣା ମୁଖ୍ୟ କାରଣ ହୋଇଛି। ଗତ ୨୦୦୦ ମସିହାରୁ ସମସ୍ତ ଟ୍ରେନରେ ଆଂଟି କୋଅଲିସନ ସିଷ୍ଟମ ଲାଗୁପାଇଁ ନିଷ୍ପତି ହୋଇଥିଲେ ମଧ୍ୟ ଯେତିକି ଟ୍ରେନରେ ଲାଗିଛି, ତାହା ସମୁଦ୍ରକୁ ଶଙ୍ଖେ। ସେହିପରି ରେଳ ନିରାପତାରେ ସମ୍ପୃକ୍ତ ୫୩ହଜାରରୁ ଅଧିକ ପଦବୀ ଖାଲି ପଡିଛି। ୧୧ ହଜାରରୁ ଉର୍ଦ୍ଧ୍ୱ ଲେବଲ କ୍ରସିଂ ଫାଟକ ଇଂଟରଲକିଂ ହୋଇପାରିନଥିବାବେଳେ ମାନବକୃତ ଦୁର୍ଘଟଣା ଏଡାଇବା ପାଇଁ ୬୪୨୭ ଷ୍ଟେସନରେ ଇଲେକୋଟ୍ରୋନିକ୍ ଇଂଟରଲକିଂ ସିଷ୍ଟମ ବର୍ତମାନ ସୁଦ୍ଧା କାର୍ଯ୍ୟକାରୀ କରିବାରେ ବିଭାଗ ବିଫଳ ହୋଇଛି। ରେଳବାଇର ଗୁରୁତ୍ୱପୂର୍ଣ୍ଣ ନିରାପତା ବ୍ୟବସ୍ଥାର ଅପଗ୍ରେଡେସନ୍ ପାଇଁ ରାଷ୍ଟ୍ରୀୟ ରେଳ ସର୍ଣ୍ଣାକ୍ଷ କୋଷ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛି। ଏହା ବ୍ୟତୀତ ରେଳ ଦୁର୍ଘଟଣାର ତଦନ୍ତ ହେଉଛି, କାରଣ ଖୋଜାଯାଉଛି। କେବଳ ତଳିଆ କର୍ମଚାରୀ ଦଣ୍ଡିତ ହେଉଥିବାବେଳେ ବଡବଡିଆ ଖସି ଯାଉଛନ୍ତି। ବରିଷ୍ଠ ରେଳବାଇ ମ୍ୟାନେଜମେଂଟକୁ ଉତରଦାୟୀ କରିବା ପାଇଁ ପଦକ୍ଷେପ ନେବା ଜରୁରୀ। ଅନ୍ୟଥା ରେଳବାଇକୁ ଦୁର୍ଦ୍ଦଶା ଛାଡିବ ନାହିଁ। ନିୟମିତ କିଛି ନା କିଛି ଅଘଟଣ ସତ୍ତ୍ୱେ ରେଳବାଇ ଚେତିବ କେବେ? ଏହା ହିଁ ଏବେ ମୁଖ୍ୟ ପ୍ରଶ୍ନ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ ନଂ-୯୪୩୭୯୯୪୩୭୯

# ନାଦ ଅଧିନସ୍ଥ ଜଗତ ସର୍ବସ୍ୱ

ସତ୍ୟବ୍ରତ ପାଣିଗ୍ରାହୀ

ଏକଦା ଜଣେ ବାଳକ ବିଶ୍ୱର ସମସ୍ତ ଜଡ ଓ ଚେତନା ତତ୍ୱର ମୂଳ ଉତ୍ସ ସନ୍ଧାନ କରିବାର ଜିଜ୍ଞାସା କରି ଗୁରୁଙ୍କ ନିକଟକୁ ଗଲେ । ଗୁରୁ ସେହି ବାଳକର ଆଗ୍ରହ ଦେଖି ତାକୁ ଶିଷ୍ୟ ରୂପେ ଗ୍ରହଣ କଲେ । ଶିଷ୍ୟ ମଧ୍ୟ ଆଶ୍ରମରେ ରହି ବିଦ୍ୟା ଅଧ୍ୟୟନ କରିବା ସହ ନିଷ୍ଠାର ସହ ଗୁରୁ ସେବା କଲେ । ଶିଷ୍ୟର ଭକ୍ତିରେ ପ୍ରୀତ ହୋଇ ଗୁରୁ ସେହି ବାଳକକୁ କହିଲେ, ସମଗ୍ର ସୃଷ୍ଟିର ସାର ତତ୍ୱ ଓଁକାର, ଯାହାର ଗୁପ୍ତରହସ୍ୟ ଜାଣିଲେ ଆଉ କିଛି ଅଜ୍ଞାତ ରହିବ ନାହିଁ । ଶିଷ୍ୟ ଆନନ୍ଦର ସହ ଏହି ଗୁପ୍ତଜ୍ଞାନ ଗ୍ରହଣ କଲେ ମଧ୍ୟ ସର୍ବସାଧାରଣରେ ତାହାର ବହୁଳ ବ୍ୟବହାରକୁ ଲକ୍ଷ୍ୟ କରି ଆଚମ୍ବିତ ହୋଇପଡିଲେ । ଗୁରୁବାକ୍ୟ ପ୍ରତି ତାଙ୍କ ମନରେ ଶଙ୍କା ଜାତ ହେଲା ଏବଂ ସେ ତୁରନ୍ତ ଗୁରୁଙ୍କ ନିକଟକୁ ଯାଇ ନିଜ ମନର ଶଙ୍କା ପ୍ରକାଶ କଲେ । ତତ୍ପରେ ଗୁରୁଦେବ ଶିଷ୍ୟକୁ ଏକ ପ୍ରସ୍ତର ପ୍ରଦାନ କରି କହିଲେ ,'ଯାଅ,ଏବଂ ଏହାର ଉଚିତ ମୂଲ୍ୟ ସନ୍ଧାନ କରି ଆସ । 'ଶିଷ୍ୟ ଗୁରୁ ଆଦେଶ ମାନି ମୂଲ୍ୟ ନିରୂପଣ କରିବା ପାଇଁ ବିଭିନ୍ନ ସ୍ଥାନ ଭ୍ରମଣ କଲେ । କିନ୍ତୁ, ସମସ୍ତେ ସାଧାରଣ ପ୍ରସ୍ତର ଭାବି ଶିଷ୍ୟକୁ ତଡିଦେଲେ । ଶେଷରେ ଜଣେ ଦକ୍ଷ ସ୍ୱର୍ଣ୍ଣକାରିଗର ସେହି ପ୍ରସ୍ତରକୁ ଏକ ମୂଲ୍ୟବାନ ରତ୍ନ ଭାବରେ ଚିହ୍ନଟ କରିଥିଲେ କିନ୍ତୁ ମୂଲ୍ୟ ନିର୍ଣ୍ଣୟ କରିପାରିଲେ ନାହିଁ । ଶିଷ୍ୟ ସମସ୍ତ କଥା ଯାଇ ଗୁରୁଙ୍କୁ କହିଲେ । ଗୁରୁ ସେଠାରେ ଉପଦେଶ ଦେଲେ ଯେ, 'ଯେଉଁଭଳି ଏହି ମୂଲ୍ୟବାନ ରତ୍ନ ର ଗୁରୁତ୍ୱ ସର୍ବସାଧାରଣ ବୁଝିପାରନ୍ତି ନାହିଁ ,ଠିକ ସେହିପରି ଓଁକାର ଶବ୍ଦ ର ସର୍ବସାଧାରଣରେ ଉଚ୍ଚାରଣ ହେଉଥିଲେ ମଧ୍ୟ ତାହାର ରହସ୍ୟ ଉନ୍ମୋଚନ କରିବା ଅତ୍ୟନ୍ତ ଦୁର୍ଲ୍ଲଭ ଓ କଷ୍ଟ ।

ଉପରୋକ୍ତ ଗଳ୍ପରୁ ଏହି ଶିକ୍ଷା ମିଳେ ଯେ, ଓଁ ର ତାତ୍ପର୍ଯ୍ୟ ବୁଝିବା ପାଇଁ କେବଳ ଉଚ୍ଚାରଣ ଯଥେଷ୍ଟ ନୁହେଁ । ଏଥିପାଇଁ ଆବଶ୍ୟକ ମନନ-ଚିନ୍ତନ-ନିଦିଧ୍ୟାସନ । ପତଞ୍ଜଳି ଯୋଗ ଦର୍ଶନ ରେ ଉଲ୍ଲେଖ ରହିଛି-'ତତ୍ ଜପସ୍ତ ତଦର୍ଥ ଭାବନସ୍ତ' ।( ଯୋଗସୂତ୍ର-୧/୨୮) ଅର୍ଥାତ ଯାହା ବି ଜପ କରାଯାଏ ,ତାହାର ଅର୍ଥପୂର୍ଣ୍ଣ ତାତ୍ୱିକ ବିଶ୍ଳେଷଣ ଏବଂ ତାତ୍ପର୍ଯ୍ୟ ଅନ୍ୱେଷଣ କରିବା ଉଚିତ ।ପ୍ରଣବ ଶବ୍ଦ ସମ୍ବନ୍ଧରେ ସୂତ୍ରକାର କହନ୍ତି- 'ତସ୍ୟ ବାଚକ ପ୍ରଣବ' । (ପତଞ୍ଜଳି ଯୋଗସୂତ୍ର-୧/୨୭) ।

ଅର୍ଥାତ ସେହି ଈଶ୍ୱରଙ୍କର ବୋଧକ ଶବ୍ଦ ଓଁ ପଦରୁ ଜଣାପଡେ । ଅ,ଉ,ମ ଏହି ତିନୋଟି ଅକ୍ଷର ମିଳିତ ହୋଇ ଓଁକାର ହୋଇଅଛି । ଏହି ତିନୋଟି ଅକ୍ଷର ବ୍ରହ୍ମାଣ୍ଡର ତିନୋଟି ଗୁଣ ସତ୍ୱ ,ରଜ,ତମ ; ପରମାତ୍ମାଙ୍କ ତିନୋଟି ଭେଦ: ବିରାଟ(ସ୍ଥୁଳ), ହୀରଣ୍ୟଗର୍ଭ(ସୁକ୍ଷ୍ମ), ଈଶ୍ୱର(କାରଣ) ; ସୃଷ୍ଟି ର ତିନି କ୍ରିୟା: ଉତ୍ପତି ,ସ୍ଥିତି ଓ ପ୍ରଳୟ ; ଚେତନାର ତିନି ଅବସ୍ଥା: ବୈଶ୍ୱ(ଜାଗ୍ରତ), ତୈଜସ(ସ୍ୱପ୍ନ),ପ୍ରଜ୍ଞା(ସୁଷୁପ୍ତି) ରୂପରେ ବିଦ୍ୟମାନ ।

ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି:'ପ୍ରଣବ ସର୍ବବେଦେଷୁ'- ମୁଁ ହେଉଛି ସକଳ ବେଦର ଓଁକାର । ଯୋଗମାର୍ଗରେ ଚାଳିତ ହେଉଥିବା ସାଧକମାନଙ୍କୁ ଲକ୍ଷ୍ୟ କରି ଉପନିଷଦରେ କୁହାଯାଇଛି;'ପ୍ରଣବୋ ଧନୁ ଶରଃ ଆତ୍ମା ବ୍ରହ୍ମ ତତ୍ ଲକ୍ଷ୍ୟସ୍ୟମୁଚ୍ୟତେ ।' ଅର୍ଥାତ ପ୍ରଣବ ଓଁକାର ଧନୁ ଅଟେ । ଆତ୍ମା ଶର ଅଟେ । ବ୍ରହ୍ମଙ୍କୁ ଲକ୍ଷ୍ୟସ୍ଥଳ କୁହାଯାଇଛି । ସୃଷ୍ଟି ଆରମ୍ଭର ମୂଳଧ୍ୱନି ହେଉଛି ଓଁକାର । ଏହାକୁ ନାଦବ୍ରହ୍ମ କୁହାଯାଏ । ଏହି ନାଦ ଦ୍ୱାରା ସୃଷ୍ଟି ହୋଇଥିବା କମ୍ପନ ବା ବିସ୍ଫୋରଣ(ଇସଶ-ଇବଭଶ)ରୁ ହିଁ ଜଗତ ବ୍ୟକ୍ତ ହୋଇଛି । ଏହା ଆଧୁନିକବିଜ୍ଞାନ ସମ୍ମତ ତଥ୍ୟ ।ଓଁକାର ଧ୍ୱନି କୁ ଅନାହତ ଧ୍ୱନି କୁହାଯାଏ ଯାହାକି ବିନା କୌଣସି ଆଘାତରେ ସୃଷ୍ଟି ହୁଏ ଏବଂ ଏହାର ଆଦି ଅନ୍ତ ନାହିଁ । ଆମ ନିଃଶ୍ୱାସ-ପ୍ରଶ୍ୱାସ ନେବା ସମୟରେ ଯେଉଁ ଅସ୍ପଷ୍ଟ 'ହମ୍ସ-ସ' ଧ୍ୱନି ଉତ୍ପତି ହୁଏ,ତାହା ହିଁ ଅନାହତ ନାଦ ବା ଅଜପା-ଜପ । ମନୁଷ୍ୟର କର୍ଣେନ୍ଦ୍ରିୟ ୨୦ ରୁ ଆରମ୍ଭ କରି ୨୦୦୦୦ ହର୍ଜ୍ ଆବୃତିଯୁକ୍ତ ଧ୍ୱନି ତରଙ୍ଗ ଶୁଣିପାରେ । ଏହାଠାରୁ ଅଧିକ ବା ଅଳ୍ପ ଆବତିଯୁକ୍ତ ଧ୍ୱନିକୁ ପରାଧ୍ୱନି ବା ଅନାହତ ନାଦ କୁହାଯାଏ । ଭର୍ତୃହରି ରଚିତ ବାକପଦୀୟ ଗ୍ରନ୍ଥରେ ବର୍ଣ୍ଣିତ ଶବ୍ଦବ୍ରହ୍ମ ଦର୍ଶନ ଅନୁସାରେ ନାଦ ଚାରିପ୍ରକାର - ପରା,ପଶ୍ୟନ୍ତି, ମଧ୍ୟମା, ବୈଖାରୀ । ଧ୍ୱନିର ଏହି ବିଭାଗୀକରଣ ବୈଜ୍ଞାନିକଯୁକ୍ତିଯୁକ୍ତ ଅଟେ । ସାଧାରଣରେ କଥିତ ଶବ୍ଦ କୁ ବୈଖାରୀ କୁହାଯାଏ । ଧ୍ୱନିର ସୂକ୍ଷ୍ମ ରୂପକୁ ପରା କୁହାଯାଏ । ସ୍ପନ୍ଦନରୁ ଜାତ ନାଦ, ନାଦ ରୁ ଜାତ ସଙ୍ଗୀତ, ସଂଗୀତରୁ ବ୍ୟକ୍ତ ହୁଏ ଅଖିଳ ବିଶ୍ୱପ୍ରପଂଚ । ଯାହାକିଛି ବସ୍ତୁ ଆମେ ଦେଖୁଛୁ, ତାହା ନାଦ ର ଜ୍ୟାମିତିକ ଚିତ୍ର ମାତ୍ର । ନାଦ ଅଭାବରେ ଜୀବନଜଗତ ନିଶ୍ଚଳ ହୋଇଯିବ । ନାଦର ମହତ୍ୱକୁ ଉପଲବ୍ଧି କରି ହିନ୍ଦୁ ଦେବାଦେବୀ ଙ୍କ ନିକଟରେ ଏକ ନାଦସଙ୍ଗୀତ ଉତ୍ପନ୍ନକାରୀ ଯନ୍ତ୍ର ଯଥା- ବୀଣା,ବଂଶୀ, ଡମରୁ, ଶଙ୍ଖ ଆଦି ଦେଖିବାକୁ ମିଳେ । ଏହା ଏକ ପ୍ରତୀକାତ୍ମକ କଳା ଅଟେ, ଯେଉଁଥିରେ ପ୍ରତୀକ ମଧ୍ୟରେ ଲୁଚି ରହିଥାଏ କିଛି ବାର୍ତା । ନାଦର ଆମ ମନ ଓ ଶରୀର ଉପରେ ପ୍ରଭାବ ରହିଛି । ପ୍ରତ୍ୟେକ ଧ୍ୱନି ମନରେ ଏକ ନିର୍ଦ୍ଧିଷ୍ଟ ଭାବନା ରସ ଉଦ୍ରେକ କରେ । ତେଣୁ ନାଦଯୋଗ ଓ ସଙ୍ଗୀତକୁ ମନସ୍ତାତ୍ୱିକ ଚିକିତ୍ସାରେ ବ୍ୟବହାର କରାଯାଏ ।

ସୃଷ୍ଟି ର ସମଗ୍ର ତତ୍ୱ ଏହି ଓଁକାର ନାଦରେ ସମାହିତ । ଐତେରେୟ ବ୍ରାହ୍ମଣ ରେ ଉଲ୍ଲେଖ ଅଛି 'ନ ବୈ ବାକ କ୍ଷୀୟତେ' , ଅର୍ଥାତ ବାଣୀର କ୍ଷୟ ହୁଏ ନାହିଁ । ସେଥିପାଇଁ ନାଦ କୁ ଅକ୍ଷର କୁହାଯାଏ, ଯାହା ନଷ୍ଟ ହୁଏ ନାହିଁ ତାହା ଅକ୍ଷର । ବ୍ରହ୍ମାଙ୍କ ବେଦନିଃସୃତ ବାଣୀ ହିଁ ଓଁକାର, ଶ୍ରୀକୃଷ୍ଣଙ୍କ ମଧୁର ବଂଶୀସ୍ୱନ ହେଉଛି ଓଁକାର ଏବଂ ଶିବଙ୍କ ଉଗ୍ର ତାଣ୍ଡବ ରୁ ନିର୍ଗତ କମ୍ପନ ମଧ୍ୟ ସେହି ଓଁକାର । ପିଣ୍ଡ-ବ୍ରହ୍ମାଣ୍ଡ ର ଆଧାର ଓଁକାର । ଏହି ଓଁକାର ଧ୍ୱନିକୁ ସମସ୍ତ ଧର୍ମ ଯଥା ହିନ୍ଦୁ,ବୌଦ୍ଧ, ଜୈନ, ଖ୍ରୀଷ୍ଟ, ଇସଲାମ,ସାକାରବାଦୀ, ନିରାକାରବାଦୀ ଉପଯୋଗ କରନ୍ତି । ଏହା ଏକ ସାର୍ବଭୌମ ତତ୍ୱ । ବାଇବେଲ(ଜନ-୧.୧-୩) କହେ ପ୍ରଥମେ ଥିଲା ଶବ୍ଦ , ଓ ସେହି ଶବ୍ଦ ଈଶ୍ୱରଙ୍କ ସହ ଥିଲା ଏବଂ ଶବ୍ଦ ହିଁ ଈଶ୍ୱର । ବିଶ୍ୱର ଯେକୌଣସି ଭାଷା ର ଶବ୍ଦ ଉଚ୍ଚାରଣ କଲାବେଳେ ମୁଖ ଖୋଲିବା ସମୟରେ ସର୍ବଦା ଅ-କାର ନିର୍ଗତ ହୁଏ । ମୁଖ ବନ୍ଦ କରିବା ସମୟରେ ମ-କାର ନିର୍ଗତ ହୁଏ । ଏହି ଦୁଇ ଅବସ୍ଥାର ମଧ୍ୟରେ ଉ-କାର ସୃଷ୍ଟି ହୁଏ । ତେଣୁ ସମସ୍ତ ଶବ୍ଦ,ବର୍ଣ୍ଣ,ଭାଷା ଏହି ଓଁକାର ଅନ୍ତର୍ଗତ ଅଟନ୍ତି । ଏହି ଓଁକାର ଶାନ୍ତସ୍ତ-ଶିବସ୍ତ-ଅଦ୍ୱୈତସ୍ତ ବ୍ରହ୍ମଙ୍କ ପରିଚାୟକ । ଏତିକି ବେଳେ ଓଡ଼ିଶାର ପ୍ରଖ୍ୟାତ ଭଜନସମ୍ରାଟ ଭିକାରୀ ବଳ ଙ୍କ ଏକ ଭଜନ ମନେପଡିଯାଏ- 'ଗାଇ ଗାଇ ରାମାୟଣ, ଶୁଣି ଶୁଣି ଗୀତା, ପଢି ପଢି ଭାଗବତ, ସରେନା ଯା କଥା' । ଅର୍ଥାତ ସେହି ଓଁ ହେଉଛି ଅସୀମିତ ଜ୍ଞାନର ଭଣ୍ଡାର ଯାହାର ଅନ୍ତ ନାହିଁ । ଭାଗବତ ରେ କୁହାଯାଇଛି- 'ଓଁକାର ରୂପେ ଥିଲା ବେଦ, କେହି ନ ଜାଣେ ତାର ଭେଦ' । ଆଦ୍ୟଧ୍ୱନି ଓଁକାର ତତ୍ୱର ରହସ୍ୟ ଜାଣିବା ପାଇଁ ସାଧନା, ସ୍ୱାଧ୍ୟାୟ, ତପ ଓ ଭକ୍ତିର ଏକୀକୃତ ପ୍ରୟାସ ଲୋଡା । ସେହି ଅକ୍ଷରବ୍ରହ୍ମ ସକଳ ଜଗତ ପ୍ରପ*ର ସାର ଓଁକାର ନାଦର ଅଧୀନରେ ସାରା ଜଗତ ତିଷ୍ଠି ରହିଛି ।

# ପତିବ୍ରତାର ସଂକଳ୍ପ

ଭାରତୀୟ ସଂସ୍କୃତିରେ ନାରୀର ସ୍ଥାନ ଅତି ଉଚ୍ଚରେ । ସେ ଏକାଧାରରେ ଜାୟା, ଜନନୀ ଓ ଭଗିନୀ । ଅଧିକାଂଶ ପୁରୁଷଙ୍କ ସ ।ଳତା ପଛରେ ଥାଏ ଜଣେ ଜଣେ ନାରୀଙ୍କ ପ୍ରେରଣା- ଏହା ବିଶ୍ୱରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଜୀବନୀ ଅନୁଧ୍ୟାନ କଲେ ଜଣାଯାଇଥାଏ । ପବିତ୍ରତା ଧର୍ମ ନାରୀର ଶ୍ରେଷ୍ଠ ଧର୍ମ । ସତୀ ଅନସୂୟା, ଜନକନନ୍ଦିନୀ ସୀତା, ମହାରାଣୀ ଶବ୍ୟା ଓ ସାବିତ୍ରୀ ପ୍ରତ୍ୟେକ ଆଦର୍ଶର ଜଣେ ଜଣେ ମୂର୍ତିମନ୍ତ ପ୍ରତୀକ । ପରିବର୍ତିତ ପରିସ୍ଥିତିରେ ବି ଏମାନେ ସମଗ୍ର ନାରୀ ସମାଜ ପାଇଁ ଆଦର୍ଶ ହୋଇ ରହିଛନ୍ତି । ପବିତ୍ରତା ଧର୍ମର ଶ୍ରେଷ୍ଠ ନିଦର୍ଶନ ଦେଖାଇଥିଲେ ସାବିତ୍ରୀ । ଏହାରି ବଳରେ ସେ ମୃତ୍ୟୁର ଦେବତା ଯମଙ୍କ କବଳରୁ ନିଜ ସ୍ୱାମୀଙ୍କୁ ବଂାଇବାରେ ଯେ ସମର୍ଥ ହୋଇଥିଲେ ତାହା ନୁହେଁ, ଶାଶୁ ଶଶୁରଙ୍କ ଦୃଷ୍ଟିଶକ୍ତି ସହ ତାଙ୍କର ଅପହୃତ ରାଜ୍ୟ େ ।ରି ପାଇବାରେ ମଧ୍ୟ ସହାୟକ ହୋଇଥିଲେ । ମଦ୍ର ଦେଶର ରାଜା ଅଶ୍ୱପତିଙ୍କର କନ୍ୟା ଥିଲେ ସାବିତ୍ରୀ । ରୂପଗୁଣରେ ସାବିତ୍ରୀଙ୍କ ସମକକ୍ଷ କେହି ନଥିଲେ । ବିବାହଯୋଗ୍ୟ ବୟସରେ ରାଜା ତାଙ୍କୁ ନିଜେ ପତି ନିର୍ବାଚନ କରିବା ଭାର ଅର୍ପଣ କରିଥିଲେ । ସାବିତ୍ରୀ ବର ଭାବରେ ନିର୍ବାଚନ କରିଥିଲେ ରାଜ୍ୟ ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ । ଦ୍ୟୁମତ ସେନ ଓ ତାଙ୍କ ସ୍ତ୍ରୀ ଚକ୍ଷୁହୀନ ହୋଇପଡ଼ିବାରୁ ଶତ୍ରୁମାନେ ତାଙ୍କୁ ରାଜ୍ୟରୁ ତଡ଼ିଦେଇ ରାଜଗାଦି ମାଡ଼ି ବସିଥିଲେ । ଏକମାତ୍ର ପୁତ୍ର ସତ୍ୟବାନ ଥିଲେ ସର୍ବଲକ୍ଷଣଯୁକ୍ତ, ସତ୍ୟନିଷ୍ଠ ତଥା ଧର୍ମପରାୟଣ । ପିତାଙ୍କ ନିକଟରେ ପତି ନିର୍ବାଚନ କଥା ସାବିତ୍ରୀ କହୁଥିବା ସମୟରେ ଜାଣିବାକୁ ପାଇଥିଲେ ସତ୍ୟବାନଙ୍କ ସ୍ୱଳ୍ପଆୟୁ ସମ୍ପର୍କରେ - ଏକବର୍ଷ ମଧ୍ୟରେ ମୃତ୍ୟୁ । କ୍ଷଣଆୟୁସମ୍ପନ୍ନ ସତ୍ୟବାନଙ୍କ ଠାରୁ ମନ େ ।ରାଇଆଣି ଅନ୍ୟପତି ନିର୍ବାଚନ ପାଇଁ ଚାହିଁଥିଲେ ତାଙ୍କର ପିତାମାତା । ସାବତ୍ରୀ କିନ୍ତୁ ଥିଲେ ଦୃଢ଼ପ୍ରତୀଜ୍ଞ, ସଂକଳ୍ପବଦ୍ଧ । ମନଭିତରେ ଯାହାଙ୍କୁ ପତି ରୂପେ ବରଣ କରିଛନ୍ତି କୌଣସି ପରିସ୍ଥିତିରେ ତାଙ୍କୁ ଦୂରେଇ ଦେବାକୁ ସେ ଚାହିଁ ନଥିଲେ । ବିବାହ ନ କରିଥିଲେ ବି ମନେ ମନେ ତାଙ୍କୁ ସ୍ୱାମୀ ଭାବରେ ବରଣ କରିଥିଲେ । ଘୋର ଅନିଚ୍ଛା ସତ୍ତ୍ୱେ ପିତା ଅଶ୍ୱପତି ସତ୍ୟବାନଙ୍କ ସହ ତାଙ୍କର ବିବାହ କରାଇ ଦେଇଥିଲେ । ଜଙ୍ଗଲକୁ କାଷ୍ଠ ସଂଗ୍ରହ ପାଇଁ ପ୍ରତ୍ୟହ ଯାଉଥାନ୍ତି ସତ୍ୟବାନ । ସେଦିନ ଦ୍ୟୁମନ ସେନଙ୍କ ଅନୁମତି ନେଇ ସତ୍ୟବାନଙ୍କ ସହ ଜଙ୍ଗଲକୁ ଯାଇଥିଲେ ସାବିତ୍ରୀ । କାଷ୍ଠ ସଂଗ୍ରହ ବେଳେ ସତ୍ୟବାନ ଅବଶ ଓ କ୍ଳାନ୍ତ ହୋଇପଡ଼ିଲେ । ସେହିଠାରୁ ସତ୍ୟବାନ ପ୍ରାଣତ୍ୟାଗ କଲେ । ଯମଦୂତମାନେ ସାବିତ୍ରୀଙ୍କଠାରୁ ସତ୍ୟବାନଙ୍କୁ ନେବାରେ ଅସମର୍ଥ ହେବାରୁ ସ୍ୱୟଂ ଯମ ଦେବତା ଶେଷରେ ଆସି ପହଂଥିଲେ । ଯମ ଦେବତା ସତ୍ୟବାନଙ୍କ ପ୍ରାଣହୀନ ପିଣ୍ଡକୁ ନେଇ ସ୍ୱର୍ଗଲୋକ ଯାତ୍ରା ସମୟରେ ସାବିତ୍ରୀ ତାଙ୍କର ପଶ୍ଚାତ୍‌ଧାବନ କଲେ । ତାଙ୍କର ଅଦ୍ଭୁତ ପବିତ୍ରତା, ସଂକଳ୍ପଶକ୍ତି, ଏକାଗ୍ରତା ଯମରାଜାଙ୍କୁ ମଧ୍ୟ ବିସ୍ମିତ କରିଦେଇଥିଲା । ଆୟୁଷ ପୂରିଯାଇଥିବା ସତ୍ୟବାନଙ୍କ ଜୀବନ ଭିକ୍ଷା ବ୍ୟତୀତ ତିନୋଟି ବର ମାଗିବାକୁ ସେ ସାବତ୍ରୀଙ୍କୁ କହିଥିଲେ । ବେଳେବେଳେ ଏପରି ସମୟ ଆସେ ମନୁଷ୍ୟ ତ ଛାର, ଦେବତାମାନେ ମଧ୍ୟ କିଂକର୍ତବ୍ୟବିମୂଢ଼ ହୋଇ ନତି ସ୍ୱୀକାର କରିଥାନ୍ତି । ତାହାହିଁ ହୋଇଥିଲା । ମୃତ୍ୟୁର ଦେବତା ଯମରାଜ ପୁତ୍ର ସନ୍ତାନର ଜନନୀ ହେବା ବର ଯଚାରେ ସାବିତ୍ରୀ େ ।ରି ପାଇଥିଲେ ସତ୍ୟବାନଙ୍କ ଜୀବନ । ଭକ୍ତି ଓ ଦୃଢ଼ସଂକଳ୍ପ ବଳରେ ଅସମ୍ଭବ କିପରି ସମ୍ଭବ ହୋଇଥାଏ, ତା'ର ନିଦର୍ଶନ ରଖିଯାଇଛନ୍ତି ସାବିତ୍ରୀ ଯୁଗଯୁଗକୁ ।



ଅପର୍ଣ୍ଣା ନାୟକ

*ଯଜାତି ଭବନ, ସେକ୍ଟର-୧୦,*
*ସିଡିଏ, କଟକ*

# ସାମ୍ରାଜ୍ୟବାଦୀ ମାନସିକତାର ନିଶାରେ ବ୍ରିଟେନ

ଡ. ସମନ୍ୱୟ ନନ୍ଦ

ବୋଧ ହୁଏ ବ୍ରିଟିଶମାନଙ୍କର ସାମ୍ରାଜ୍ୟବାଦୀ ମାନସିକତାର ହ୍ୟାଙ୍ଗ ଓଭର ଏବେ ମଧ୍ୟ ରହିଛି । ସେମାନେ ପୂର୍ବରୁ କହୁଥିଲେ ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ଅସ୍ତ ହୁଏ ନାହିଁ । ବୋଧ ହୁଏ ଗୋରା ମାନଙ୍କର ସେହି ମାନସିକତା ଆଜି ମଧ୍ୟ ରହିଛି । ସେମାନେ ଏବେ ମଧ୍ୟ ନିଜକୁ ସେହି ମାନସିକତାରେ ରଖିଛନ୍ତି । ଏବେର ଘଟଣାରୁ ଏହା ହିଁ ସ୍ପଷ୍ଟ ହେଉଛି ।

ଭାରତକୁ ଅନେକ ବର୍ଷ ଧରି ଶାସନ କରିଥିବା ଓ ଭାରତରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଣ୍ଠନ କରି ବିକଶିତ ଦେଶରେ ପରିଣତ ହୋଇଥିବା ବ୍ରିଟେନର ଏକ ସଂସ୍ଥା ରହିଛି ଯାହାର ନାମ ହେଉଛି ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ ବା ବିବିସି । ଏହି ସଂସ୍ଥା ପକ୍ଷରୁ ଏକ ଡକ୍ୟୁମେଂଟାରୀ ଜାରୀ କରା ଯାଇଛି । ଡକ୍ୟୁମେଂଟାରୀର ନାମ ହେଉଛି - ଇଣ୍ଡିଆ ଦି ମୋଦୀ କ୍ୱେଶ୍ଚେନ । ଦୁଇଟି ପାର୍ଟରେ ଏହି ଡକ୍ୟୁମେଂଟାରୀ ପ୍ରସ୍ତୁତ କରା ଯାଇଛି । ଏହି ଡକ୍ୟୁମେଂଟାରୀରେ ୨୦୦୨ ମସିହାରେ ଗୁଜରାତରେ ହୋଇଥିବା ଦଙ୍ଗା ପାଇଁ ଗୁଜରାତର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦାୟୀ କରା କରି ପ୍ରଦର୍ଶିତ କରା ଯାଇଛି ।

ଏହି ଡକ୍ୟୁମେ‌ା‌ରୀରେ କୌଣସି ତଥ୍ୟ - ପ୍ରମାଣ ନାହିଁ । ମୋଦୀ ଓ ଭାରତ ବିରୋଧୀ ବୋଲି ଧରା ଯାଉଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟମାନଙ୍କର ବକ୍ତବ୍ୟ ଓ ଅନ୍ୟ ମାନଙ୍କ ବକ୍ତବ୍ୟକୁ ନେଇ ଏ ଭଳି ଏକ ଚିତ୍ର ପ୍ରସ୍ତୁତ କରିବାକୁ ଚେଷ୍ଟା କରା ଯାଉଛି । ଏହି ମାମଲାରେ ତଳ କୋର୍ଟ ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ଯାଏ, ସୁପ୍ରିମକୋର୍ଟର ତଦାରଖରେ ଏସଆଇଟି ଦ୍ୱାରା ଜାଂଚ କରା ଯିବା ପରେ ନରେନ୍ଦ୍ର ମୋଦୀ ଯେ ଏହି ମାମଲାରେ କୌଣସି ପ୍ରକାର ଭୁଲ ନ ଥିଲା ଓ ସମ୍ପୂର୍ଣ୍ଣ ନିର୍ଦୋଷ ତାହା ସ୍ପଷ୍ଟ ହୋଇ ସାରିଛି । କଂଗ୍ରେସର ଶାସନକାଳରେ ଜଣେ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କୁ ୯-୯ ଘଂଟା ପଚାରା ଉଚୁରା କରା ଯାଇଥିଲା । ସମସ୍ତ ଜାଂଚ ପରେ ତାଙ୍କୁ କ୍ଲିନ ଚିଟ ଦିଆ ଯାଇଥିଲା । ବିବିସି ଏଭଳି ଏକ ଡକ୍ୟୁମେଂଟାରୀ ପ୍ରସ୍ତୁତ କରି ଭାରତର ପୋଲିସ-ଆଇନ ଓ ନ୍ୟାୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠା ଯାଇଛି । ବିଶ୍ୱର ସବୁଠାରୁ ବଡ ଗଣତନ୍ତ୍ରର ଶାସନ ବ୍ୟବସ୍ଥାକୁ ବିନା କୌଣସି ତଥ୍ୟ ପ୍ରମାଣରେ ପକ୍ଷପାତୀ ଭାବେ ପ୍ରଶ୍ନ ଉଠା ଯାଇଛି ।

ଏବେ ପ୍ରଶ୍ନ ଉଠୁଛି ଯେ ବିବିସି ଦୀର୍ଘ ୨୦ ବର୍ଷ ପରେ ଏପରି କାହିଁକି କଲା । ବିବିସି ସଂସ୍ଥା ହେଉଛି ବ୍ରିଟେନର ସରକାରୀ ସଂସ୍ଥା । ବ୍ରିଟେନର ଗୋରା ମାନେ ଆମ ଉପରେ ଦୀର୍ଘ ଦିନ ଧରି ରାଜୁତି କରିଥିଲେ । ଭାରତର ଲୋକ ମାନଙ୍କୁ ଶୋଷଣ କରି ଧନ- ସମ୍ପଦ- ବୈଭବକୁ ଲୁଣ୍ଠନ କରି ନେଇଥିଲେ । ଯେତେବେଳେ ସେମାନେ ଭାରତ ଛାଡି ଯିବାକୁ ବାଧ୍ୟ ହେଲେ ସେତେବେଳେ ସେମାନେ ତଥାପି ଭାବୁଥିଲେ ଯେ ଭାରତ ନିକଟରେ ପୁଣି ଥରେ ସାରା ବିଶ୍ୱକୁ ନେତୃତ୍ୱ କରିବାର ସାମର୍ଥ୍ୟ ରହିଛି । ତେଣୁ ସେମାନେ ଭାରତକୁ ବିଭାଜିତ କରି ପାକିସ୍ତାନ ତିଆରି କଲେ ଯଦ୍ୱାରା ପାକିସ୍ତାନ ଭାରତକୁ ହଇରାଣ କରିବ ଓ ଭାରତ ଆଗକୁ ବଢି ପାରିବ ନାହିଁ। ସେମାନେ ଆଉ ଏକ କାମ କରିଥିଲେ । ସେମାନେ ଭାରତ ଛାଡି ଗଲା ବେଳେ ଯେଉଁ ଲୋକ ମାନଙ୍କ ହାତରେ ଶାସନ କ୍ଷମତା ଦେଇଥିଲେ ସେମାନେ ଯଦିଓ ଭାରତୀୟ ଥିଲେ, ହେଲେ ସେମାନଙ୍କର ଭାରତୀୟ ସଂସ୍କୃତି, ପ୍ରତୀକ ଓ ପରମ୍ପରାରେ କୌଣସି ବିଶ୍ୱାସ ନ ଥିଲା । ସେମାନେ ଭାରତୀୟତାକୁ ଅତ୍ୟନ୍ତ ହୀନ ଓ ଘୃଣା ଦୃଷ୍ଟିରେ ଦେଖୁଥିଲେ । ସେମାନେ ଭାରତକୁ ଭାରତର ମୂଳ ପରିଚୟ ଆଧାରରେ ନୁହେଁ ବରଂ ଗୋରା ମାଲିକ ମାନଙ୍କର ଚିନ୍ତନ ସେମାନଙ୍କର ବ୍ୟବସ୍ଥା ଆଧାରରେ ଗଢିବାକୁ ଲାଗିଥିଲେ । ବ୍ରିଟେନର ଗୋରା ମାନଙ୍କୁ ଏଭଳି ନେତୃତ୍ୱ ହାତରେ ଭାରତର ଶାସନ କ୍ଷମତା ଦେବାରେ କୌଣସି ଅସୁବିଧା ନ ଥିଲା, କାରଣ ସେମାନେ ଜାଣିଥିଲେ ଯେ ଏହା ଦ୍ୱାରା ପ୍ରକାରାନ୍ତରେ ତାଙ୍କର ଶାସନ ହିଁ ଚାଲୁ ରହିବ । ଏଭଳି ଦୀର୍ଘ ସମୟ ଧରି ଚାଲୁ ମଧ୍ୟ ରହିଥିଲା । ହେଲେ ୨୦୧୪ ମସିହାରେ ସବୁ କିଛି ଓଲଟା ପାଲଟା ହୋଇ ଗଲା । ୨୦୧୪ ମସିହା ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ଦେଶର ୧୩୦ କୋଟି ଜନସାଧାରଣ ଏଭଳି ଏକ ସରକାରକୁ ନିର୍ବାଚିତ କଲେ ଯାହା ଏହି ଦେଶର ମାଟି, ସଂସ୍କୃତି ସଭ୍ୟତା, ପ୍ରତୀକରୁ ପ୍ରେରଣା ଲାଭ କରୁଥିଲା, ଗୋରା ମାନଙ୍କ ଠାରୁ ନୁହେଁ । ଏହା ବ୍ରିଟେନର ଗୋରା ମାନଙ୍କ ପାଇଁ ତଥା ଭାରତରେ ଥିବା ସେମାନଙ୍କର ମାନସିକ ଭାବେ ଗୋଲାମ ମାନଙ୍କ ଏକ ଶକ୍ତ ଧକ୍କା ଥିଲା । ସେମାନେ ଏହାକୁ ହଜମ କରି ପାରୁ ନ ଥିଲେ। ୨୦୧୪ ମସିହା ପରେ ୨୦୧୯ ମସିହାରେ ମଧ୍ୟ ଏହି ସରକାରକୁ ଲୋକ ମାନେ ପୁଣି ଥରେ ଜିତାଇଲେ । ଏହା ଗୋରା ମାନଙ୍କ ପାଇଁ ଓ ଭାରତରେ ଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟ ମାନଙ୍କ ପାଇଁ ଅସହ୍ୟ ଥିଲା । ଏବେର ସରକାର ଭାରତର ପୁରାତନ ସଭ୍ୟତା, ସଂସ୍କୃତି ଆଧାରରେ ଅଗ୍ରସର ହେଉଛି । କେବଳ ସେତିକି ନୁହେଁ ଭାରତର ସାଂସ୍କୃତିକ ଉତଥାନ ସହିତ ଭାରତ ଆର୍ଥିକ ପ୍ରଗତି ମଧ୍ୟ ଦୃତ ଗତିରେ କରୁଛି । ଏବେ ଭାରତ ଗୋରା ମାନଙ୍କ ଆଗରେ ଆଖିରେ ଆଖି ମିଶାଇ କଥା କହୁଛି ଓ ତାଙ୍କୁ ଉଚିତ ଜବାବ ଦେଉଛି । ଆର୍ଥିକ ମାମଲାରେ ଭାରତ ବ୍ରିଟେନକୁ ମଧ୍ୟ ପଛରେ ପକାଇ ସାରିଲାଣି । ଯେଉଁ ଦେଶଉପରେ ଦୀର୍ଘ ଦିନ ଧରି ଗୋରା ମାନେ ଶାସନ କରିଥିଲେ ତାର ଏଭଳି ପ୍ରଗତି ହେବାକୁ ଦେଖିବା ତାଙ୍କ ପକ୍ଷେ ସହ୍ୟ ହେଉ ନାହିଁ ।

ଏବେ ଏହି ଶକ୍ତି ମାନେ ତାଙ୍କ ଦେଶର ଏହି ବିବିସି ନାମକ ଉପରକରଣ ଜରିଆରେ ଏହି ଡକ୍ୟୁମେଂଟାରୀ ଜାରି କରିଛନ୍ତି । ଏହି ଡକ୍ୟୁମେଂଟାରୀ ଆସିବା ପରେ ଭାରତରେ ବସିଥିବା ତାଙ୍କର ମାନସପୁତ୍ର ମାନେ ଖୁସିରେ ନାଚ –ଗୀତ କରିବା ଓ ଡେଇଁବା ଆରମ୍ଭ କରି ଦେଇଛନ୍ତି । ସେମାନଙ୍କର ଖୁସିର ସୀମା ନାହିଁ । ତେବେ ଭାରତର ଲୋକ ମାନେ ଏହାକୁ ଭଲ ଭାବେ ବୁଝି ସାରିଛନ୍ତି । ତେଣୁ ଏହି ନାଚକୁଦ କରୁଥିବା ଗୋଷ୍ଠୀକୁ ଏଥିରୁ କୌଣସି ଲାଭ ହେବ, ସେପରି ଲାଗୁ ନାହିଁ।

ଚୀନର ସରକାରୀ ସମ୍ବାଦପତ୍ର ଗ୍ଲୋବାଲ ଟାଇମ୍ସ ଖୋଲା ଖୋଲି ଭାବେ ଭାରତ ବିରୋଧୀ । ତେବେ ଏହି ସମ୍ବାଦପତ୍ରର ଏକ ସ୍ତମ୍ଭଲେଖକ ଏହି ପ୍ରସଙ୍ଗକୁ ନେଇ ଯାହା ଲେଖିଛନ୍ତି ତାହା ଯଥାର୍ଥ ଭଳି ମନେ ହେଉଛି । ସେ ଲେଖିଛନ୍ତି – "ଭାରତ ଉପରେ ଅଧିରାଜତ୍ୱ ଥିବାର ମାନସିକତା ବ୍ରିଟେନ ମଧ୍ୟରେ ଏବେ ମଧ୍ୟ ରହିଛି । ବ୍ରିଟେନର ଅଧୀନରେ ଥିବା ଏକ ଦେଶ ଭାରତ ଯେତେବେଳେ ତାଙ୍କୁ ଜିଡିପି କ୍ଷେତ୍ରରେ ପଛରେ ପକାଇ ଦେଇଛି ସେତେବେଳେ ବ୍ରିଟେନକୁ ଏହା ମାନସିକ ଭାବେ କଷ୍ଟ ଦେଉଛି। ଭାରତ ଯେତେ ବିକଶିତ ହେବ ବ୍ରିଟେନର କଷ୍ଟ ବଢି ବଢି ଚାଲିବ ।" ବର୍ତମାନର ଘଟଣା ଉପରେ ଚୀନର ସ୍ତମ୍ଭ ଲେଖକଙ୍କ ଏହି ବ୍ୟାଖ୍ୟା ଠାରୁ ଯଥାର୍ଥ ବ୍ୟାଖ୍ୟା ବୋଧ ହୁଏ ଆଉ ହୋଇ ନ ପାରେ । ଯେଉଁ ଦେଶ ତାଙ୍କର ଅଧୀନରେ ଥିଲା ସେହି ଦେଶ ଆଜି ତାଙ୍କ ଠାରୁ ଆର୍ଥିକ ଦୃଷ୍ଟିରେ ଆଗକୁ ଚାଲିଗଲାଣି । ତେଣୁ ଗୋରା ମାନେ ଛଟପଟ ହେବା ସ୍ୱାଭବିକ ।

ଭାରତ ସରକାର ଏହାକୁ ନେଇ ଅତ୍ୟନ୍ତ କଠୋର ପ୍ରତିକ୍ରିୟା ଦେଇଛନ୍ତି । ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଅରିନ୍ଦନ ବାଗଚୀ ଏ ସମ୍ପର୍କରେ ପଚାରା ଯାଇଥିବା ପ୍ରଶ୍ନର ଉତରରେ କହିଛନ୍ତି – "ମୋତେ ସ୍ପଷ୍ଟ କରିବାକୁ ଦିଅନ୍ତୁ ଆମ ମତରେ ଏହା ଏକ ପ୍ରପାଗଣ୍ଡା ପିସ୍ ଅଟେ । ଏହାର ଉଦ୍ଦେଶ୍ୟ ଏଭଳି ଏକ ନ୍ୟାରେଟିଭକୁ ପ୍ରସ୍ତୁତ କରିବା ଯାହାକୁ ଲୋକ ମାନେ ବହୁ ପୂର୍ବରୁ ଖାରଜ କରି ସାରିଛନ୍ତି । ଏଭଳି ଫିଲ୍ମ ବା ଡକ୍ୟୁମେଂଟାରୀ ତିଆରି କରିଥିବା ଏଜେନ୍ସୀ ଓ ବ୍ୟକ୍ତି ଏହି ନ୍ୟାରେଟିଭକୁ ପୁଣି ଥରେ ଚଳାଇବାକୁ ଚାହୁଁଛନ୍ତି । "

ଏହି ଡକ୍ୟୁମେଂଟାରୀକୁ ନେଇ ଭାରତରେ ଗୋରାଙ୍କର ମାନସିକ ଗୋଲାମ ମାନେ ହିଁ ଖୁସିରେ ନାଚୁଛନ୍ତି ତା ନୁହେଁ ବ୍ରିଟେନ ସଂସଦରେ ପାକିସ୍ତାନ ବଂଶୋଦ୍ଭବ ସାଂସଦ ଇମରାନ ହୁସେନ ମଧ୍ୟ ନାଚିବା ଆରମ୍ଭ କରି ଦେଇଛନ୍ତି ହେଲେ ବ୍ରିଟେନର ପ୍ରଧାନମନ୍ତ୍ରୀ ଋଷି ସୁନକ ଏହି ପାକିସ୍ତାନୀ ବଂଶୋଦ୍ଭବ ସାଂସଦଙ୍କୁ ଚୁପ କରାଇ ଦେଇଥିଲେ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ପର୍କରେ ଚରିତ୍ରିକରଣ ସହ ସେ ସହମତ ନାହାନ୍ତି । ଏହା କେବଳ ହୁସେନଙ୍କୁ ଚାପୁଡା ନଥିଲା ଡକ୍ୟୁମେଂଟାରୀ ତିଆରି କରିଥିବା ଗୋରା ମାନଙ୍କୁ ମଧ୍ୟ ଚାପୁଡା ଥିଲା । ତେବେ ଗୋଟିଏ କଥା ସ୍ପଷ୍ଟ ଯେ ଭାରତ ଯେତେ ଅଗ୍ରସର ହେବ ଗୋରା ମାନେ ସେତେ ଛଟପଟ ହେବେ । ସେମାନେ ଆଗାମୀ ଦିନରେ ଏଭଳି ଆହୁରି ଆକ୍ରମଣ କରିବେ । ଭାରତବାସୀଙ୍କୁ ଏଥି ପାଇଁ ପ୍ରସ୍ତୁତ ରହିବାକୁ ପଡିବ ।

# ସାହିତ୍ୟ ଦର୍ପଣ

## ହାତ ମୁଠାରେ ସ୍ୱର୍ଗ



ସୁଦର୍ଶନ ମହାପାତ୍ର

ପୁଅର ମେଡିକାଲ ପାଠପଢା ଶେଷ ହେଲା ପରେ ବାପା ମା ଅଶ୍ୱସ୍ତ ହେଲେ ସିନା ବାପାମାଙ୍କୁ ଦେଖା କରିବାକୁ ଆଉ ସମୟ ମିଳିଲାନି ପୁଅ ବିଭୁ ଙ୍କୁ । ଡାକ୍ତର ବିଭୁ ପ୍ରସାଦ ମିଶ୍ର, ନ୍ୟୁରୋ ମେଡିସିନ ଡାକ୍ତର ହିସାବରେ ଏବେ ଖୁବ୍ ନା ଡାକ। ଦିଲ୍ଲୀ ଏମ୍ସ ରେ କାର୍ଯ୍ୟରତ। ପ୍ରଚୁର ପଇସା ରୋଜଗାର। ଘରକୁ ଆସିବାକୁ ଆଉ ଫୁରସତ କାହିଁ ? ପ୍ରଥମେ ପ୍ରଥମେ ଫୋନରେ ଟିକେ କଥା ହେଉଥିଲେ ସେ। ହେଲେ ସେସବୁ ବି ଧିରେ ଧିରେ ବନ୍ଦ ହୋଇଗଲାଣି । ସେ ଆଉ ଆବଶ୍ୟକତା କରୁନାହାନ୍ତି ମା' ର ସ୍ନେହ ମମତାକୁ ଏବଂ ବୁଝିବାକୁ ଚାହୁଁ ନାହାନ୍ତି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବାପା ସୁଧାକର ମିଶ୍ରଙ୍କ ଆବେଗ କୁ । ଏମିତିକି ' ମୋ ପାଖକୁ ନହେଲେ ନାହିଁ, ତୋ ମା ପାଖକୁ କେତେବେଳେ କେମିତି ଟିକିଏ ଫୋନ୍ କରୁଥିବୁ' ର ଆକୁଳ ମିନତିକୁ ହେୟଜ୍ଞାନ କରି ସାରିଥିଲେ ସ୍ୱନାମଧନ୍ୟ ଡାକ୍ତର ବିଭୁ ପ୍ରସାଦ।

ଆହୁରି ପ୍ରତିଷ୍ଠିତ ଏବଂ ରୋଜଗାର ନିଶାରେ ନିଜ ଦେଶ ଛାଡି ହଠାତ୍ ଆମେରିକା ଚାଲିଗଲେ ବିଦ୍ୱାନ ଡାକ୍ତର ବିଭୁ ପ୍ରସାଦ। ପଛରେ ରହିଗଲେ ଏକମାତ୍ର ପୁଅ କୁ ମଣିଷ କରି ଗଢିବାକୁ ଦିନେ ସ୍ୱପ୍ନ ଦେଖିଥିବା ସଂକଳ୍ପବଦ୍ଧ ବାପା ମା। ଅଭାବ ଅନାଟନ ଭିତରେ ସେମାନଙ୍କର ସ୍ୱପ୍ନ ତ ସାକାର ହେଲା, ହେଲେ ଏକୋଇର ବଳା ବିଶିକେଶନ ହାତ ଛଡା ହୋଇଗଲା ସେମାନଙ୍କୁ ଅବଜ୍ଞା କରି। କିଛି ଦିନ ପରେ ସେଇଠି ହିଁ ଜଣେ ବିଦେଶିନୀଙ୍କୁ ବିବାହ କରିଛନ୍ତି ବୋଲି ଖବର ପଠାଇ ଦେଲେ ବାପା ମା ଙ୍କୁ ।

ପୁଅ ବିଷୟରେ ଚିନ୍ତା କରି ଆପାତତଃ ଚୁପଚାପ୍ ରହୁଥିବା ସୁନୀତି ଯେ ଧିରେ ଧିରେ ଅନ୍ୟମନସ୍କ ହୋଇ ଯାଉଛନ୍ତି ଅନୁଭବ କଲେ ସୁଧାକର ବାବୁ। କେବଳ ପୁଅ କଥା ଛାଡି ଆଉ ସବୁ କଥା ଯେମିତି ଭୁଲି ଆସୁଥିଲେ ସୁନୀତି ଦେବୀ। ଅସହାୟ ହୋଇ ପଡୁଥିଲେ ସୁଧାକର ବାବୁ। ଡାକ୍ତରଙ୍କ ପରାମର୍ଶ ପରେ ମା' ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇଛି ବୋଲି ପୁଅକୁ ଖବର ଜଣାଇଲେ ସୁଧାକର ବାବୁ। ହେଲେ ଜରୁରୀ କାମର ଆଳ ଦେଖାଇ ଏବେ ଯିବା ଆଦୌ ସମ୍ଭବ ନୁହେଁ ବୋଲି କୈଫତ ଦେଲେ ବିଭୁ। ଜଣେ ଡାକ୍ତର ବନ୍ଧୁ ଙ୍କ ଠିକଣା ଦେଇ ପରାମର୍ଶ ନେବାକୁ ବାପାଙ୍କୁ ବୁଝାଇ ଦେଲେ । ଅବଶ୍ୟ ନିହାତି କର୍ତ୍ତବ୍ୟ ମନେ କରି ଟଙ୍କା ପଠାଇବାକୁ ଭୁଲି ନଥିଲେ। ହେଲେ ଶ୍ରଦ୍ଧା ରହିତ କର୍ତ୍ତବ୍ୟ, ଯାତନା ସଦୃଶ ଅନୁଭବ ହୋଇଥିଲା ବାପା ମା ଙ୍କୁ। ସମର୍ପଣ ନଥିଲେ ଭକ୍ତି ତ ଛଳନା ମାତ୍ର। ତେଣୁ ସେଇ ଟଙ୍କାକୁ ସୁଧାକର ବାବୁ ଶେଷ ପର୍ଯ୍ୟନ୍ତ ସୁନୀତିଙ୍କ ଅନୁରୋଧରେ ଖର୍ଚ୍ଚ କରିବାକୁ ଇଚ୍ଛା କରି ନଥିଲେ ।

ଏକମାତ୍ର ପୁଅକୁ ଚାହିଁ ଚାହିଁ କ୍ୟାନ୍ସରରେ ପୀଡ଼ିତା ମା ଶେଷ ନିଃଶ୍ୱାସ ତ୍ୟାଗ କଲେ ପଛେ ପୁଅକୁ ଶେଷଥର ପାଇଁ ଦେଖିବାର ଅଭୀପ୍ସା ପୂରଣ ହୋଇ ପାରିନଥିଲା। ସୁଧାକର ବାବୁ ଏ ଖବର ପୁଅକୁ ଜଣାଇଥିଲେ ବାଧ୍ୟ ହୋଇ। ସମୟର ସ୍ୱଳ୍ପତା ଦୃଷ୍ଟିରୁ ମାତ୍ର ଚାରି ଦିନ ପାଇଁ ଏକା ଗାଆଁକୁ ଆସି ମା'ର ଶେଷକୃତ୍ୟ ସଂପାଦନ କରି ଡାକ୍ତର ବିଭୁ ଫେରି ଯାଇଥିଲେ ନିଜସ୍ୱ ଦୁନିଆକୁ। ଯେମିତି ଯନ୍ତ୍ର ମଣିଷଟିଏ। ନା ଥିଲା କିଛି ଆବେଗ, ନା ଥିଲା ଆଉ ସେ ଆତ୍ମୀୟତାପୂର୍ଣ୍ଣ ଭାବ ବାପାଙ୍କ ସାଙ୍ଗରେ... ! ଭିଟାମାଟି ସାଙ୍ଗରେ... !!

ଦିନେ କଡ଼ ଲେଉଟେଇଲା ସମୟ। ବିଭୁ ଘରକୁ ଫେରିବାକୁ ଇଚ୍ଛା ପ୍ରକାଶ କଲେ ବହୁତ ଦିନ ପରେ। ଛାଡପତ୍ର ଦେଇ ବିଦେଶିନୀ ପତ୍ନୀ ଅନ୍ୟତ୍ର ବିବାହ କରିଯିବା ପରେ ସେ ବୋଧହୁଏ ବୁଝି ପାରିଲେ ସମ୍ପର୍କର ସଂଜ୍ଞା। ଶାଶ୍ୱତ ପବିତ୍ର ସମ୍ପର୍କ ବ୍ୟତିରେକ ଜୀବନ କାଟିବା ଯେ ନିରର୍ଥକ ହୃଦୟଙ୍ଗମ କରି ପାରିଲେ ବହୁତ ଡେରିରେ। ଏବେ ପଶ୍ଚାତପରେ ବିଗଳିତ ମନକୁ ଶାନ୍ତ କରିବା ପାଇଁ ଆମେରିକା ଠାରୁ ନିଜ ଜନ୍ମସ୍ଥାନକୁ ଶ୍ରେୟସ୍କର ମଣିଲେ ଡାକ୍ତର ବିଭୁ ପ୍ରସାଦ ମିଶ୍ର।

ଏତିକି ବେଳକୁ ମନେ ପଡିଲା ବାପାଙ୍କର କେଇ ପଦ କଥା।' ଧନ ପଛରେ ଧାଇଁ ସାରିବୁନି ଅମୂଲ୍ୟ ସମୟ। ଲୋଭରେ ବିକିବୁନି ସଂସ୍କାର। ସ୍ୱାର୍ଥରେ ଜଳେଇବୁନି ସଂସାର।ମୋହରେ ହଜେଇ ଦେବୁନି ମାନବିକତା। ଲାଳସାରେ ହରେଇବୁନି ସଂପର୍କ।' ହେଲେ ବାପାଙ୍କର ଏସବୁ ଉପଦେଶ ଅଣଦେଖା କରି ସବୁ ମୂଲ୍ୟବୋଧକୁ ଯେମିତି ଧୂଳିସାତ କରି ସାରିଥିଲେ ବିଭୁ। ଇତି ମଧ୍ୟରେ ମାଟି କାନ୍ଥ ଥିବା ଘର ମଧ୍ୟ ଭୁଷୁଡି ପଡ଼ିଥିଲା ତାଙ୍କର।ବାପା ନଥିଲେ ସେଠି। କେହି ଜଣେ ବିଭୁଙ୍କୁ ବତାଇ ଦେଲେ ପତ୍ନୀଙ୍କ ମୃତ୍ୟୁ ପରେ ପୁଅ କଥା ଭାବି ଭାବି ଦୁଶ୍ଚିନ୍ତାରେ ତାଙ୍କର ମୁଣ୍ଡ ଖରାପ ହୋଇ ଯାଇଥିଲା। କ'ଣ ସବୁ ନିଜେ ନିଜେ ଗପନ୍ତି ସବୁବେଳେ । କେତେ ଦିନ ଆଗରୁ ସେ ହଠାତ୍ କେଉଁ ଆଡେ ଚାଲି ଯାଇଛନ୍ତି ବୋଲି। ମୁଣ୍ଡରେ ଯେମିତି ଚଡ଼କ ପଡିଲା । ସବୁକୁ ଅଣଦେଖା କରି ଆଗେଇ ଯାଇଥିବା ବିଭୁ ଏବେ ଫେରିଛନ୍ତି ପୁଣି ଇପ୍ସିତ ସ୍ୱର୍ଗ ପାଖକୁ। ତାଙ୍କ ପାଦପଦ୍ମ ତଳେ ମଥା ନଇଁବାକୁ... ! ହେଲେ ସେ ଯେ ନିରୁଦ୍ଦିଷ୍ଟ !!

ରାତି ପ୍ରାୟ ଦଶଟା ବେଳକୁ ସାର୍ ଙ୍କୁ ତାଙ୍କ ଭଙ୍ଗାଘର ଡିଅରେ ଖୋଜି ପାଇଛି ବୋଲି ବିଭୁକୁ ଫୋନ୍ କରି ଜଣାଇଲା ତା'ର ପିଲାଦିନର ସାଙ୍ଗ ପବିତ୍ର। ବିଭୁ ଏକରକମ ଦୌଡି ଦୌଡି ଗଲା ଭଗ୍ନସ୍ତୁପରେ ପରିଣତ ହୋଇ ପଡିଥିବା ନିଜ ଭିଟାମାଟି ପାଖକୁ । ମୁହଁ ମାଡି ପଡିଥିଲେ ବାପା।ପାଦରୁ ଚପଲ ପଟେ ଛିଣ୍ଡି ପଡିଥିଲା ଟିକିଏ ଦୂରରେ। ଝୁଣ୍ଟି ପଡିଥିଲେ କି ବାପା ! ଆହା କହି ବାପାଙ୍କ ମଥାକୁ ଟୋକି ଧରିଲା ତ ଦିଶିଲା ବାପାଙ୍କ ନାକରୁ ପାଟିରୁ ରକ୍ତ ଧାର ବୋହି ଯାଇଛି।ପବିତ୍ର ସାହାଯ୍ୟରେ ବିଭୁ ବାପାଙ୍କୁ ନେଇ ହସ୍ପିଟାଲରେ ତୁରନ୍ତ ଭର୍ତ୍ତି କରାଇଲେ।

ବାପାଙ୍କ କାନ୍ଧରେ ଥିବା ଝୁଲା ବ୍ୟାଗ୍ ଭିତରେ ଅନ୍ୟାନ୍ୟ କାଗଜପତ୍ର ସହିତ ସୁରକ୍ଷିତ ଥିଲା ବିଭୁର ପିଲାଦିନର ଫଟୋ କେତୋଟି। ସେଥିରେ ବି ଥିଲା ବାପାଙ୍କ କାନ୍ଧରେ ହସ ହସ ମୁହଁରେ ବସିଥିବା ବିଭୁର ଫଟୋ।ପିଲାଦିନ କଥା ମନେ ପଡିଲା । ସେ ପାଞ୍ଚ ଛଅ ବର୍ଷର ହୋଇଥିବ ସେତେବେଳକୁ।ବହୁ ବ୍ରତ ମାନସିକ କରି ଈଶ୍ୱରଙ୍କ କୃପାରୁ ବିଭୁ କୁ ପାଇଥିଲେ ବୋଲି, ତାକୁ ନେଇ ଶିବ ଶଙ୍କରଙ୍କ ଦର୍ଶନ ପାଇଁ ବାପା ମା କପିଳାସ ଯାଉଥିଲେ। ସେ ପାହାଚ୍ ପରେ ପାହାଚ୍ ଚଢୁଥିଲା। ହେଲେ ଅଳ୍ପ କେଇଟା ପାହାଚ୍ ପରେ ସେ ଝୁଣ୍ଟି ପଡିଥିଲା ବୋଲି ବାକି ତକ ପାହାଚ୍ ତାକୁ ଆଉ ଚଢ଼ିବାକୁ ଛାଡି ନଥିଲେ ବାପା ମା। ତା'ପରଠୁ ସେ କେତେବେଳେ ଥିଲା ମା କାଖରେ ତ କେତେବେଳେ ବାପାଙ୍କ କାନ୍ଧରେ। ଦୁଃଖରେ ମ୍ରିୟମାଣ ବିଭୁ ନିଜକୁ ଶତ ଧିକ୍କାର କରୁଥିଲେ ।

ବିଭୁଙ୍କର ମନେ ପଡିଲା ବାପାଙ୍କର ଗୋଟିଏ ଅମୂଲ୍ୟ କଥା । 'ତୋ ହାତ ମୁଠାରେ ସ୍ୱର୍ଗ,ତୁ ଅନୁଭବ କରି ପାରିଲେ ହେଲା।' ହେଲେ ଆଜି ସେ ହାତ ବଢେଇ ସ୍ୱର୍ଗ ଛୁଇଁବାକୁ ମନସ୍ଥ କଲାବେଳକୁ ସେଇ ସ୍ୱର୍ଗ ଆଜି ତା' ଠାରୁ ଅପହଞ୍ଚ ରହି ଯିବେନି ତ..!! ବିଭୁଙ୍କ ଆଖିରେ ଥିଲା ଅଶ୍ରୁର ପ୍ଲାବନ..?!!

ବନ୍ଧୁ ପବିତ୍ର ର ଡାକରେ ସମ୍ବିତ ଫେରି ପାଇଲେ ବିଭୁ। ବାପାଙ୍କର ହୋସ ଆସିଲାଣି ବୋଲି ଖବର ପାଇ ଈଶ୍ୱର ଙ୍କୁ ସ୍ମରଣ କରି ଆ. ସି. ୟୁ ଆଡକୁ ଅଗ୍ରସର ହେଲେ ବିଭୁ। ବାପାଙ୍କ ପାଦକୁ ଆସ୍ତେ ଛୁଇଁଲେ ସେ। ବାପାଙ୍କ ଆଖି ଖୋଲୁ ଖୋଲୁ ମୁହଁରେ ଉକୁଟି ଉଠିଲା ହସ ଧାରେ ତ ଅନୁତପ୍ତ ଦଗ୍ଧ ପୁଅ ଆଖିରୁ ଖସି ପଡୁଥିଲା ଧାର ଧାର ହୋଇ ଆନନ୍ଦାଶ୍ରୁ... !!!!!

*କୁଞ୍ଜବିହାରୀ ଲେନ, କଟକ*

*ମୋ: ୯୪୩୮ ୧୭୫୫୪୨*

## ଯମରାଜଙ୍କ ଅବସର



ପୂର୍ଣ୍ଣଚନ୍ଦ୍ର ବହଳୀ

ଆଜି ଯମଲୋକ ବେଶ ଚଳଚଞ୍ଚଳ । ଅସଂଖ୍ୟ ଲୋକଙ୍କର ଆତ୍ମା ଲାଇନରେ ଧାଡିବାନ୍ଧି ଛିଡା ହୋଇଛନ୍ତି । ଚିତ୍ରଗୁପ୍ତ ଙ୍କ ହାତରେ ବିରାଟ ଖାତା ।

ଯମରାଜ ମନେ ମନେ ଭାବୁଛନ୍ତି ଲାଇନରେ ଥିବା ଆତ୍ମା ଗୁଡିକ ଦୋଷ ସ୍ୱୀକାର କରିବେ ଓ ତା ପରେ ସେ ଆତ୍ମାକୁ ମୁକ୍ତି ଦେବେ। କିନ୍ତୁ ସେପରି କିଛି ହେଲାନାହିଁ ।

ଏହି ସମୟରେ ଚିତ୍ରଗୁପ୍ତ କହିଲେ ମହାରାଜ ଯେଉଁମାନେ ଏବେ ଲାଇନରେ ଅଛନ୍ତି ତାଙ୍କର ମୃତ୍ୟୁ ସମୟ ହୋଇନାହିଁ ।

କଣ ହେଲା ତେବେ ସେମାନେ ଏଠାକୁ ଆସିଲେ କିପରି !

ଚିତ୍ରଗୁପ୍ତ କହିଲେ କଥା କଣ କି ମହାରାଜ ଏ ମୃତ୍ୟୁ ଅଦ୍ଭୁତ । ମୃତ୍ୟୁ ପଞ୍ଜିକା ତିଆରି ବେଳେ ଏ ଅଦ୍ଭୁତ ଘଟଣା ମର୍ତ୍ତ୍ୟ ଲୋକରେ ଘଟିବ ଏହା କଣ ଜଣାଥିଲା । ସେମାନେ ଆଧୁନିକତା ଠାରୁ ଆହୁରି ଆଗକୁ ଗଲେଣି ।

କିଏ ଟିକଟକ କରୁ କରି ବାଲକୋନୀରୁ ଖସି ପଡି ମରୁଛି,

କେହି ଗାଡି ଚଳାଇ ସେଲ୍ଫି ନେଇ ଦୁର୍ଘଟଣାରେ ମରୁଛି ,

କିଏ ଡାଏଟ କରି,କିଏ ପ୍ରେମରେ ବିଫଳ ହୋଇ, କିଏ ପର ସ୍ତ୍ରୀ ପ୍ରେମରେ ପଡି ନିଜ ସ୍ତ୍ରୀ କୁ ମାରିଲାଣି । ମର୍ତ୍ତ୍ୟ ଲୋକ ରେ ଆଉ ନିୟନ୍ତ୍ରଣରେ କିଛି ନାହିଁ ।

ଓହୋ ସେଥିପାଇଁ ଏ ଗୁଡାକ ଆମ କ୍ୟାଲେଣ୍ଡର ରେ ନାହିଁ ।

କୁଆଡୁ ଆସିବ ମହାରାଜ କହିଲେ ଚିତ୍ରଗୁପ୍ତ । ତେବେ ମୋତେ ମର୍ତ୍ତ୍ୟପୁର ଯାଇ ସତ କଣ ଜାଣିବା କହିଲେ ଯମରାଜ ।

ଏହାପରେ ଯମରାଜ ଏକ ବୃଦ୍ଧ ବେଶରେ ମର୍ତ୍ତ୍ୟପୁରରେ ପହଁଚିଲେ । ସେ ମର୍ତ୍ତ୍ୟପୁରରେ ବିଭିନ୍ନ ଆଡେ ବୁଲି ଦେଖିଲେ ଲୋକମାନେ ଜୀବନକୁ ଆନନ୍ଦ ଭାବରେ ଗ୍ରହଣ ନ କରି ପ୍ରତିଯୋଗିତା କରୁଛନ୍ତି ଯେ କୌଣସି ବାଟେ ଆଗରେ ରହିବାକୁ ।

ଯମରାଜ ବାଟରେ ଯାଉ ଯାଉ ଦେଖିଲେ ଜଣେ ମୋବାଇଲରେ ସେଲ୍ଫି ନେଉ ନେଉ ଅନ୍ୟ ଗୋଟିଏ ଗାଡି ତା ଉପରେ ଚଢ଼ିଗଲା । ଏହିପରି ବହୁ ଘଟଣା ଦେଖିବାକୁ ପାଇଲେ ଯେଉଁଠି ମୃତ୍ୟୁର କୌଣସି କାରଣ ନଥାଇ ନିଜେ ନିଜେ ହେଉ ବା ଅନ୍ୟ କାହା ପାଇଁ ମୃତ୍ୟୁମୁଖରେ ପଡୁଛନ୍ତି।

ଯମରାଜ ଭାବିଲେ ' ମୁଁ ତ ଭାବୁଥିଲି ମୃତ୍ୟୁ ମୋ ନିୟନ୍ତ୍ରଣରେ ଅଛି । କିନ୍ତୁ ମଣିଷ ଯେ ପଶୁ ହୋଇଯାଉଛି, ନିଜର ଅଂହ, ଅସାବଧାନତା ଇତ୍ୟାଦି ପାଇଁ ସେ ନିଜେ ନିଜେ ଯମପଥ କୁ ଯାଉଛି ସେ ଆଉ କରିବେ କଣ ' ।

ତାଙ୍କ ଅନ୍ତରରେ ବହୁତ ଦୁଃଖ ହେଲା । ମଣିଷ ଜୀବନ ଏତେ ସୁନ୍ଦର ଓ ମୂଲ୍ୟବାନ, ତଥାପି ଲୋକେ ଜୀବନକୁ ମଜାକ ଭାବେ ଗ୍ରହଣ କରିବା ସହ ଅମଣିଷ ହୋଇଯାଉଛନ୍ତି ।

ଯମରାଜ କହିଲେ ଚାଲ ଫେରିଯିବା । ଯମଲୋକରେ କାମ କମିଯିବ । ଆଉ ପାଞ୍ଜି ଖୋଜିବାକୁ ପଡିବ ନାହିଁ । ନିଜ ଆୟୁଷ ଶେଷ ହେବା ପୂର୍ବରୁ ତ ଯମଲୋକରେ ଆତ୍ମା ଗୁଡିକ ଲାଇନରେ ଛିଡାହେବାକୁ ବି ଯାଗା ନଥିବ । ସେମାନେ ତ ମୃତ୍ୟୁକୁ ନିଜେ ନିଜେ ଡାକୁଛନ୍ତି ।

ଚିତ୍ରଗୁପ୍ତ ହସି ଦେଇ କହିଲେ 'ମହାରାଜ ଲାଗୁଛି ଆପଣଙ୍କ ଅବସର ନେବା ସମୟ ଉପନୀତ ହେଲାଣି ' ।

*ସମ୍ପାଦକ, ଶିବାନୀ*

*ଭଦ୍ରକ*

## ଘୋଷଯାତ୍ରା

*ଆଦ୍ୟାଶା ମହାପାତ୍ର*



ଏ ପବିତ୍ର ଘୋଷଯାତ୍ରା
କୋଟି କୋଟି ଶ୍ରଦ୍ଧା ଓ ଆବେଗର
ସମାଗମ ଏଠି
ପ୍ରତିଟି ଶିରା ପ୍ରଶିରାରେ
ଅନୁଭବିବାକୁ ଈଶ୍ୱରୀୟ ସତ୍ତା
ଏ ଏକ ନିଚ୍ଛକ ପ୍ରୟାସ
ସମର୍ପଣ ମୁଦ୍ରାରେ
କୋଟିଏ ତଥାଗତ
ଶରୀର,ମନ ଓ ଆତ୍ମାର
ତ୍ରିବେଣୀ ସଙ୍ଗମରେ
ଅବଗାହନ ଇଚ୍ଛା ଐକାନ୍ତିକ
ଜଗତ ନାଥ ଙ୍କ ଆଶିଷର
ସୂକ୍ଷ୍ମ ଅନୁଭବେ
ପ୍ରାଣ ହୁଏ ପୁଲକିତ
ଅନ୍ତରାତ୍ମାରେ ଗୁଞ୍ଜରିତ ହୁଏ
ଏ ତ ନିର୍ବାଣର ଏକମାତ୍ର ପଥ
ଅପେକ୍ଷାରତ ସେଇ ମାହେନ୍ଦ୍ର ମୁହୂର୍ତ୍ତ
ରଥ ଦଉଡ଼ିର ସ୍ପର୍ଶ
ଶାଶ୍ୱତ ଓ ଭାବଗତ..
ସଂଯୋଗର ମାଧ୍ୟମଟିଏ
ଭକ୍ତ ଓ ଭଗବାନ ସଂପର୍କିତ
ଏକ ସାମୁହିକ ଚାରୁ ଚିତ୍ରପଟ... !!
ଆବାହନ ମୁଦ୍ରାରେ ଭକ୍ତ
ସଂକଳ୍ପିତ... ଉତ୍ସର୍ଗୀକୃତ..
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷେ
ଛାତିରେ ଛାତିଏ ଉଚ୍ଚାଟ...
ଆତ୍ମା ସହ ପରମାତ୍ମାର ମିଳନର
ଅଲୌକିକ ସମ୍ବେଦନାକୁ
ଲୋକାଚାରରେ ପରିଣତ କରିଛି
ବିଶ୍ୱ ପ୍ରସିଦ୍ଧ
ଏଇ ଘୋଷଯାତ... !!!

*ନୂଆପଡା, କଟକ*

## ସୁନାବେଶ

*ସୁଧାକର ରାଉତ*



ଆଷାଢ଼ ମାସ ଏକାଦଶୀ ତିଥିରେ
ରଥେ ବିରାଜିତ ହୋଇ
ଶ୍ରୀଜୀଉମାନେ ସୁନାବେଶ ହୋଇବେ
ଭକତ ମନକୁ ମୋହି ।
ପାଳିଆ ପୁଷ୍ପାଳକ, ଦଇତାପତି
ଖୁଣ୍ଟିଆ ମେକାପ ଗଣ
ରତ୍ନ ଭଣ୍ଡାରୁ ସ୍ୱର୍ଣ୍ଣ ଅଳଙ୍କାରକୁ
ଆଣି ବେଟି ଜଣ ଜଣ ।
କିରୀଟ,ଶ୍ରୀପୟର,ଶ୍ରୀଭୂଜ,ଚକ୍ର
ରୋପ୍ୟଶଙ୍ଖ, ଆଡକାନି
ଚନ୍ଦ୍ରସୂର୍ଯ୍ୟ, ଘାଗଡାମାଳି, ତିଳକ
ତ୍ରିଖଣ୍ଡିକା, ଓଡିଆଣୀ ।
ଏସବୁ ଲାଗିଣ ଜଗାର ଶ୍ରୀଅଙ୍ଗେ
ଆହାକି ସୁନ୍ଦର ଦିଶେ
ବଳଭଦ୍ରଙ୍କ ସ୍ୱର୍ଣ୍ଣ ହଳ ମୂଷଳ
ଦେଇ ଭକ୍ତ ମନ ତୋଷେ ।
ଦେବୀ ସୁଭଦ୍ରାଙ୍କ ସୁନାର କିରୀଟ
ଘାଗଡ଼ା, କଦମ୍ବ ମାଳି
ଚନ୍ଦ୍ରସୂର୍ଯ୍ୟ, କାନଫୁଲ,
ସେବତୀ ମାଳି
ଏକକୁ ଆରେକ ବଳି ।
ଶ୍ରୀଜୀଉମାନଙ୍କୁ ଦେଖିଣ ଏ ରୂପେ
ଦେବତା ବି ହୋନ୍ତି ଖୁସି
ଅଫୁରନ୍ତ ଭକତିର ଭାବଧାରା
ବହେ ଭକ୍ତ ହୃଦେ ପଶି ।
ଧନ୍ୟ ମହାପ୍ରଭୁ ଧନ୍ୟ ଧନ୍ୟ ତୁମ
ରାଜରାଜେଶ୍ୱର ବେଶ
ଆହେ ଭୋଗେଶ୍ୱର କୃପାବାରି ଢ଼ାଳି
କଳୁଷ କରହେ ନାଶ ।

*ପ୍ରତାପ ନଗରୀ, କଟକ*

*ମୋ:୮୨୪୯୯୩୨୭୯୨*

## ମାନବୀୟ ଲୀଳା

*ରତ୍ନକାନ୍ତି ମିଶ୍ର*



କଥା ଦେଇଥିଲେ ଗୁଣ୍ଡିଚାରାଣୀଙ୍କୁ
ଆସିବି ମୁଁ ଘୋଷ ଦିନ
ନିଃସନ୍ତାନ ବୋଲି ଭାବିବ ନାହିଁ ମା
ମୁଁ ତୁମ ଗଳାର ଧନ ॥

ବରଷକ ଯାକ ଥିବି ଶ୍ରୀମନ୍ଦିରେ
ଭାଇ ଭଉଣୀ ସଙ୍ଗତେ
ଆଷାଢେ ଦ୍ୱିତୀୟା ତିଥି ଉପଗତେ
ଆସିଯିବୁ ଘୋଷଯାତେ ॥

ସବୁଠୁ ନିଆରା ମାଆ ହାତ ଛୁଆଁ
ଛେନା ପୋଡପିଠା ଖାଇ
ଷାଠିଏ ପଉଟି ସୁସ୍ୱାଦୁ ଭୋଜନ
ସେବେଳେ ଭୁଲିବି ମୁହିଁ ॥

ନଅ ଦିନ ରହି ତୁମ ପାଶେ ମାଆ
ଆନନ୍ଦେ ଭରିବି ମନ
ମାଆ ଠାରୁ ବଡ଼ କେ ନାହିଁ
ସଂସାରେ
ତା ସ୍ନେହ ସଦା ଅମ୍ଳାନ ॥

ମାନବୀୟ ଲୀଳା କରି ଜଗନ୍ନାଥ
ଦିଅନ୍ତି ବିଶ୍ୱକୁ ବାର୍ତ୍ତା
ପିତାମାତା ସେବା କର ହେ ସନ୍ତାନ
ସେ ତ ଚଳନ୍ତି ଦେବତା ॥

ଭାଇ ଭଉଣୀର ଶାଶ୍ୱତ ସମ୍ପର୍କ
ଥାଏ ସଦା ଅମଳିନ
ଭକ୍ତ ଭଗବାନ ଭାବ ବନ୍ଧନର
ଅପୂର୍ବ ଏ ନିଦର୍ଶନ ॥

*ଆଳି, କେନ୍ଦ୍ରାପଡା*

## ବାହୁଡ଼ିବା ବେଳ ହେଲା

*ନିରଞ୍ଜନ ସାହୁ*



ସମୟ ତ ମୋତେ କେଉଁଠାରୁ ଆଣି
ଏଠି ପହଁଚାଇ ଦେଲା
ସେ ସମୟ ମୋତେ ବିଦାୟ କରିବ
ବାହୁଡ଼ିବା ବେଳ ହେଲା ।
ସାରା ଜୀବନଟା ଯେଉଁ ଜ୍ଞାନ ଦେଲା
ସେହି ମୋର ମହାଶିକ୍ଷା
ସେହି ଶିକ୍ଷା ହେଉ ଏହି ଜୀବନରେ
ମୋର ପାଇଁ ମହାଦୀକ୍ଷା
ସେ ଦୀକ୍ଷାରେ ମୁହିଁ ଦୀକ୍ଷିତ ହୋଇବି
ହୃଦୟକୁ କରି ମେଲା ।
ଆସିବା ବେଳରେ ଖାଲି ଆସିଥିଲି
ଯିବା ବେଳେ ଯିବି ଖାଲି
ଯେଉଁ କାଳଖଣ୍ଡ ଜୀବନ ଜୀଇଁଛି
ବହୁତ କଷ୍ଟରେ ଚାଲି
ସାରା ଜୀବନଟା ରକ୍ତାକ୍ତ ହୋଇଛି
ସମୟ ମାରିଛି ଢେଲା ।
ମୁଖ୍ୟ ସ୍ୱପ୍ନ ସବୁ ପୂରଣ ହୋଇନି
ରହିଗଲା ଅବଶୋଷ
ଅନିଚ୍ଛା ସତ୍ତ୍ୱେ ମୁଁ ବାଧ୍ୟ ହୋଇକରି
ନିଜକୁ କରିଛି ତୋଷ
ଇଚ୍ଛା ଅନିଚ୍ଛାର ଭିତରେ ଲାଗିଛି
ସବୁବେଳେ ଠେଲାପେଲା ।
ଏବେ ମୁଁ ନିଜକୁ ବୁଝାଇ ଦେଇଛି
ଆଉ ଅବା କେତେ କାଳ
ହେ ଅବୁଝା ମନ ସବୁ ଭୁଲିଯାଇ
ମୃତ୍ୟୁ କଥା ଏବେ ଭାଳ
ଯିଏ ଯାହା କଲା ଏଇଠି ରହିଲା
କିଏ ବା ମୁଣ୍ଡେଇ ନେଲା ।

*ନିହଲ ପ୍ରସାଦ , ଗଁଦିଆ ପାଟଣା*

*ଢେଙ୍କାନାଳ*

*ମୋ-୯୯୩୮୭୪୧୫୮୩*

## ରତିଆ ବୋଉ



ସୁଚରିତା ମହାନ୍ତି

ଝିପିଝିପି ବର୍ଷା ସାଙ୍ଗକୁ ମଝିରେ ମଝିରେ ପବନ ସହିତ ଘଡ଼ଘଡ଼ି।ସଞ୍ଜ ନଇଁଲାଣି ।ମନଟା ଭାରି ଉଚ୍ଚାଟ ହେଉଛି। କ'ଣ କିଛି ଘଟିବ କି। କୁଆଡ଼ ? ଯିବ,ଏ ଘଡ଼ଘଡ଼ି ଏମିତି ମାରୁଚି ଯେ,ଭାରି ଭୟ ଲାଗୁଚି।

କିଛି ଖବର ଏଯାଏଁ ଆସିନାହିଁ। କାହାକୁ କ'ଣ ପଚାରିବ ଘରୁ କେହି ବାହାରକୁ ବାହାରିଲେ ତ ।

ଯେତେ ସମୟ ବିତୁ ଥାଏ ସେତେ ବ୍ୟସ୍ତ ଲାଗୁଥାଏ। ଦାଣ୍ଡଦୁଆରୁ ଘର ପୁଣି ଘରୁ ଦାଣ୍ଡଦୁଆର ଏମିତି ଚାଲିଥାଏ।

ଓଃ କେତେବେଳେ କ'ଣ ଖବର ଆସିବ।ଚାରିଆଡ଼ ? ବନ୍ୟା। ନଈ ଉଛୁଳୁଛି ।ଘର ଭିତରେ କେଉଁଠି ଡିବିରି ଆଲୁଅ ତ କେଉଁଠି ଲଣ୍ଠନ ଜଳୁଛି ।ଅଧା ଆଲୁଅ ଅଧା ଛାଇ ଏମିତି ଚଳିବା ଅଭ୍ୟାସ ସମସ୍ତଙ୍କର ହେଇଯାଇଛି।ସେଇ ଛାଇ ଆଲୁଅର ଖେଳ ଭଳି ମଣିଷ ଜୀବନ। କେତେବେଳେ କେଉଁ କଥା ଘଟିବ କାହାକୁ ବା ଜଣା।

ସବୁଦିନ ପରି ଗୁଡ଼ାଖୁ ଟେକେ ଆଙ୍ଗୁଳିରେ ଗୋଳେଇ କରି ରତିଆ ବୋଉ ଦାନ୍ତ ଘସି ଘସି ଘର ବାଡ଼ି ପଛରେ ଥିବା ଧାନ କିଆରୀକୁ ଯାଏ,ସେଇଠୁ ଆସି ମୁହଁ ଉଛାଳି ଅଖିଆ ଅପିଆ କଳରେ ଦୁକୁଡା ଯାକିଦେଇ ମୁଢ଼ି ଭାଜିବାକୁ ବସେ।ଗଉଣି ଦି ଗଉଣି ମୁଢ଼ି ନଭାଜି ସାରିବା ଯାଏ ସେ ଚୁଲି ପାଖରୁ ଉଠେ ନାହିଁ କି କାହା କଥା ଶୁଣେ ନାହିଁ।ସେଦିନ ବି ରତିଆ ବୋଉ ମୁଢ଼ି ଭାଜିସାରି ବିଲ ମୁଣ୍ଡକୁ ମୂଲିଆଙ୍କ ପାଇଁ ମୁଢ଼ି ନେଇ ଯାଇଥିଲା। ବିଲରେ ସାର ଔଷଧ ଗନ୍ଧରେ ରତିଆ ବୋଉ ସେଇ ବିଲ ହିଡ଼ ଉପରେ ମୁହଁ ମାଡ଼ି ପଡ଼ିଗଲା।ମୂଲିଆ ଦୁଇଜଣ ଟେକି ଟେକି ଆଣି ଘର ଖଟିଆ ରେ ଶୁଆଇ ଦେଲେ। ଚାରି ଆଡ଼ ? କଥା ପ୍ରଘଟ ହେଇଗଲା।ଗାଁ ଲୋକ ରୁଣ୍ଡ ହୋଇଗଲେ।ରତିଆ ବୋଉ ପାଟିରୁ ଉଁ କି ଚୁଁ ଭାଷା ବାହାରୁ ନଥାଏ। ପାଖରେ ରତିଆ କି ତା ବଡ଼ ଭାଇ ନଥାଂତି।ରତିଆ ବାପା ଛାନିଆ ହୋଇ ଧାଇଁ ବୁଲୁଥାନ୍ତି।

ଝିଅ ଦୁଇ ତିନିଜଣ କାନ୍ଦି କାନ୍ଦି ଗଡୁଥାନ୍ତି ।ଗାଁ ଡାକ୍ତରଖାନାରେ ଡାକ୍ତର କେବେ ନଥାଂତି କିବା ସେଠାକୁ ଯିବାକୁ କେହି ମଙ୍ଗନ୍ତି ନାହିଁ ।ଡାକ୍ତରଖାନାରେ ଥିବା କମ୍ପାଉଣ୍ଡରଙ୍କୁ ଡାକିବାରୁ ସେ ଗୋଟିଏ ଇଞ୍ଜେକସନ ଦେଇ କହିଲେ,ଦେହଟା ଥଣ୍ଡା ହୋଇଯାଇଛି ।ସକାଳୁ ଖାଲି ପେଟରେ ଥିବାରୁ ମୁଣ୍ଡ ବୁଲେଇ ଦେଇଛି ।କିଛି ସମୟପରେ ଚେତା ଫେରି ଆସିବ। ଗୋଡ଼ ହାତରେ ଉଷୁମ ତେଲ ଘଷିଦିଅ। ନିଆଁ ଜାଳି ଦେହ ହାତ ?ସେକାସେକି କରିଦିଅ ।ହେଲେ ବହୁତ ସମୟ ଅପେକ୍ଷା କରିବା ପରେ ମଧ୍ୟ ଚେତା ଫେରିଲାନି ।ମୁଁ ପାଖରେ ବସିଥାଏ ।ମୋ ବୋଉ କହିଲେ,ମା' ରେ ଗଲୁ ଠାକୁର ଘରୁ ଚନ୍ଦୁକ ପାଣି ଆଣି ତୋ ମାଉସୀ ପାଟିରେ ଦେବୁ । ଧାଇଁ ଧାଇଁ ଘରକୁ ଆସି ଚନ୍ଦୁକ ପାଣି ଧରି ପୁଣି ଧାଇଁ ଧାଇଁ ଗଲି ।ଡାକିଲି ମାଉସୀ ଉଠ । ତାଙ୍କ ପାଟି ଖୋଲି ଗୋଟିଏ ଚାମଚ ଚନ୍ଦୁକ ପାଣି ଦେଲି ? ପୁଣି ଡାକିଲି ମାଉସୀ ଉଠ ।ରତିଆ ବୋଉ ହୁଁ' କହି ରହିଗଲା। ଆଉ କିଛି କହିଲାନି ।ଗାଁରୁ ଦୁଇ ତିନିଜଣ ଲୋକ ବ୍ୟବସ୍ଥା କରି ତାକୁ ଡାକ୍ତରଖାନାକୁ ନେଇଗଲେ। ବାଟରେ ବନ୍ୟାଜଳ ମାଡ଼ିଥିବାରୁ ରାସ୍ତା ଜଣାପଡୁନଥିଲା । ସେଇ ଜଳରେ ସମସ୍ତେ ପଡ଼ି ଓଦା ହୋଇଗଲେ । ରତିଆ ବୋଉ ପୁଣି ଓଦା ହୋଇଯିବାରୁ ଆଉ ବଞ୍ଚ ?ଇବା ଡାକ୍ତରଙ୍କ ପକ୍ଷେ ସମ୍ଭବପର ହୋଇ ପାରିଲା ନାହିଁ ।

ଡାକ୍ତରଖାନାରେ ପହଞ୍ଚିବାର କିଛି ସମୟ ପରେ ସେ ପ୍ରାଣ ହରାଇଲା ।ଚେତା ଫେରି ପାଇଲା ନାହିଁ।

ସେତେବେଳେ ଗାଁରେ ଫୋନ, ଇଲେକ୍ଟ୍ରିକ୍ ନା ଗାଡ଼ିର ବ୍ୟବସ୍ଥାଥିଲା । କାଁ ଭାଁ ଗୋଟେ ଅଧେ କାହାର ଟ୍ରଲି ରିକ୍ସା ଥିଲା।ତା'ରି ଉପରେ ସମସ୍ତେ ନିର୍ଭର କରି ଚଳନ୍ତି।

କିଛି ଖବର ପାଇବାକୁ ହେଲେ ଅପେକ୍ଷା କରି ରହିବାକୁ ପଡୁଥିଲା। କିଏ ଆସିଲେ ଯାଇଁ ଖବର କହିବ।

କ୍ରମଶଃ ଅନ୍ଧକାର ଛାଇ ଯାଉଥାଏ। ଝିଣ୍ଟିକା ଓ ବେଙ୍ଗମାନଙ୍କର ବିକଟାଳ ରଡ଼ିରେ କାନ ଫାଟି ପଡୁଥାଏ। କୁକୁରଙ୍କର କାନ୍ଦଣା ସେଇ ସମୟକୁ ଆହୁରି ଛାନିଆ କରଉଥାଏ। ମୋ ବୋଉ ଖାଲି ଇଆଡ଼ ? ସିଆଡ଼ ? ବୁଲିହେଉଥାନ୍ତି, ମଝିରେ ମଝିରେ ରାସ୍ତାକୁ ଚାହିଁ ରହୁଥାନ୍ତି। କାଳେ କିଏ କ'ଣ ଖବର କହିବ ।ଗାଁ ଯାକର ଲୋକ ଚାହିଁ ରହିଥାନ୍ତି। କାହାରି ଘରେ ଚୁଲିରେ ନିଆଁ ଲାଗିନି ।କାହା ମନ ଭଲ ନାହିଁ। କ'ଣ ଖବର ଆସିବ ସେଇ ଚିନ୍ତାରେ ସମସ୍ତେ।

ଏତିକି ବେଳକୁ ବର୍ଷାର ବେଗ ବଢ଼ିଚାଲିଲା ।ମୋ ବୋଉଙ୍କର ମନ ଅଥୟ ହେଉଥିଲା ।କିଛି ଲୋକଂକର କଥା ଶୁଭିଲା ।ସେତେବେଳକୁ ରାତି ଦୁଇଟା ବାଜିଲାଣି ।ମିଟିମିଟି ଅନ୍ଧାର ଭିତରେ ମଣିଷ ଚିହ୍ନିବା କଷ୍ଟ କେବଳ ମଣିଷର କଥାରୁ ଯାହା ବାରି ହେଉଥିଲା କିଏ କଥା ବାର୍ତ୍ତା ହେଉଥିବାର।

ବୋଉ ଦାଣ୍ଡ ପିଣ୍ଡାରେ ଥାଇ ପଚାରିଲେ କିଏ ରେ ।

ତାଙ୍କ ଭିତରୁ ଜଣେ କିଏ କହିଲେ,ହଁ ଗୋ ବୋହୂ ମା' ଆମେ ଡାକ୍ତରଖାନାରୁ ଆସିଲେ। ସବୁ ସରିଗଲା ।ରାତିର ଅନ୍ଧାର ଭିତରେ ହଜି ଯାଉଥିଲା ରତିଆ ବୋଉର ଚରିତ୍ର,କଥା ଆଉ ଚେହେରା ।

ରତିଆ ବୋଉର ହସ,କଥା,ଚାଲି ଚଳନ, ବେଶଭୂଷା ସବୁ ଥିଲା ସମ୍ପୂର୍ଣ୍ଣ ଅଲଗା ।

କଇଁଥ ଓ ତେନ୍ତୁଳି ଚକଟା,ଖୁଦ ଚାଉଳରେ ଯାଉ ଭାତ ଖୋଏଇ ପିଲାଙ୍କୁ ମଣିଷ କରିଥିଲା ।ଭୋକ ଉପାସରେ ରହି ଧନ ସଂପତ୍ତି ସଞ୍ଚିବାର ନିଶା ତାକୁ ମରଣ ମୁହଁକୁ ଠେଲି ଦେଲା । ଧନୀ ହେବାର ଇଚ୍ଛାରେ ସେ ଭୁଲି ଯାଇଥିଲା ନିଜ ଜୀବନର ମୂଲ୍ୟ। ମୃତ୍ୟୁ ବେଳକୁ ପାଖରେ ଦୁଇ ପୁଅ ନଥାଂତି ।ବନ୍ୟା ଯୋଗୁଁ ବହୁତ କଷ୍ଟରେ ଆସି ଘରେ ପହଁଚିବା ବେଳକୁ ସବୁ ସରି ଯାଇଥାଏ। ମା'ର ସୁଖ ସବୁଦିନ ଲାଗି ହଜିଯାଇଥିଲା । ଯେଉଁମାନଙ୍କ ପାଇଁ ଏତେ ସ୍ୱପ୍ନ ଦେଖିଥିଲା ସେମାନଙ୍କୁ ଜୀବନ ଯିବା ବେଳକୁ ଦେଖିପାରିଲା ନାହିଁ ।ରତିଆ ବୋଉ କେବେ କାହାର ଶିରି ଦେଖି ପାରୁନଥିଲା। କେହି ଉନ୍ନତି କଲେ କିଛି ନା କିଛି କହି ପରିହାସ କରୁଥିଲା ।କିନ୍ତୁ ତା' ପ୍ରତି କାହାର ଖରାପ ଧାରଣା ନଥିଲା। ସମସ୍ତେ ତା' କଥାକୁ ବାଆଁରେଇ ଦିଅନ୍ତି। ପାଠଶାଠ ଜଣା ନାହିଁ । ଯାହା କହିଲେ କହୁ,କିଏ ତା' କଥାକୁ କାନ ଦେଉଚି । ସେ ଯେମିତି ବି ଥିଲା ଗାଁରେ ବୋହୂଟିଏ ତ ଥିଲା ।

ରତିଆ ବୋଉ ଖୁବ କମ୍ ବୟସରେ ଚାଲିଯିବାଟା କେହି ଗ୍ରହଣ କରିପାରୁନଥିଲେ। ତଥାପି ମୃତ୍ୟୁ ଯେତେବେଳେ ଆସିବ ତାକୁ ବା ଅଟକେଇବାର ସାମର୍ଥ୍ୟ କାହା ପାଖରେ ଅଛି। ରତିଆ ବୋଉ ଯିବାର ଦୀର୍ଘବର୍ଷ ହେଲାଣି। କିନ୍ତୁ ଏବେବି ରତିଆ ବୋଉ କଥା ମନେ ପଡ଼ିଲେ ସେଦିନର ସେଇ ବର୍ଷାଭିଜା ରାତିର ଛାତିଥରା ଦୃଶ୍ୟ ସମସ୍ତଙ୍କ ମନକୁ ଦୋହଲେଇ ଦିଏ ।

ଲାଗେ ଯେମିତି ରତିଆ ବୋଉର ହସ ଏବେବି ସମସ୍ତଙ୍କୁ ଧିକ୍କାର କରୁଛି। ଯେମିତି ବଞ୍ଚିଥିବା ବେଳେ ଘର ଦୁଆରକୁ ଯାଇ ଡାକି ଡାକି ଟାହିଟାପରା କରୁଥିଲା ଏବେବି ଠିକ୍ ସେମିତି କରୁଛି।

*ବାରିପଦା,ମୟୂରଭଞ୍ଜ*

*ମୋ : ୮୯୧୭୫୭୧୨୦୨*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Sunday July 06 ଭୁବନେଶ୍ୱର ରବିବାର, ୦୬, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା ସମ୍ପନ୍ନ

ନୂଆଦିଲ୍ଲୀ,(ପି.ଏନ): ନୂଆଦିଲ୍ଲୀର ହାଉଜଖାସସ୍ଥିତ ଜାତୀୟ ରାଜଧାନୀ କ୍ଷେତ୍ରର ପ୍ରମୁଖ ଜଗନ୍ନାଥ ମନ୍ଦିରଠାରେ ୪୭ତମ ପବିତ୍ର ବାହୁଡ଼ା ଯାତ୍ରା ପର୍ବ ଆଧ୍ୟାତ୍ମିକ ଉତ୍ସାସ ଓ ଭକ୍ତିପୂତ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବ ଉପଲକ୍ଷେ ବଢ଼ି ଭୋରରୁ ମୁଖ୍ୟ ମନ୍ଦିରର ବେସମେଣ୍ଟସ୍ଥିତ ଶ୍ରୀ ଗୁଣ୍ଡିଚ଼ା ମନ୍ଦିରର ଆଡ଼ପ ମଣ୍ଡପରେ ବିରାଜମାନ କରୁଥିବା ଚ଼ାରି ଦୀଅଁ ମାନଙ୍କ ସାମ୍ନାରେ ପୂଜାର୍ଚ୍ଚନା ଓ ନୀତିକାନ୍ତି ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା। ଏହା ପରେ ଦିନ ୪ଟା ବେଳେ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଏବଂ ଶଙ୍ଖ ଧ୍ୱନି ତଥା ବାଦ୍ୟ, କୀର୍ତ୍ତନର ତାଳେ ତାଳେ ଚ଼ାରି ଠାକୁରଙ୍କୁ ପୂଜକ ଓ ଭକ୍ତ ମାନେ ଧାଡ଼ି ପହଣ୍ଡି କରି ମନ୍ଦିର ସାମ୍ନା ସ୍ଥିତ ବଡ଼ଦାଣ୍ଡରେ ଦଣ୍ଡାୟମାନ ଥିବା ସୁନ୍ଦର, ସୁଶୋଭିତ ରଥ ଉପରକୁ ଆଣି ଥିଲେ। ଅପରାହ୍ନରୁ ଏଠାରେ ହେଉଥିବା ମୁଷଳ ଧାରାରେ ବର୍ଷା ସତେ ଯେପରି ଆକାଶରୁ ମହାପ୍ରଭୁଙ୍କର ଆଶିଷ ବର୍ଷଣ ସଦୃଶ ପ୍ରତୀୟମାନ ହେଉଥିଲା ଓ ଅପରାହ୍ନ ସାଢେ ୪ଟା ସମୟରେ ବିଶିଷ୍ଟ ଅତିଥି ଦିଲ୍ଲୀ ସରକାରର ମନ୍ତ୍ରୀ କପିଳ ମିଶ୍ର ଏବଂ ସୁପ୍ରିମ କୋର୍ଟର ପୂର୍ବତନ ଜଜ ଜଷ୍ଟିସ ଅରିଜିତ ପଶାୟତ ପାରମ୍ପରିକ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ମନ୍ଦିର ପରିଚ଼ାଳନା କମିଟି ଶ୍ରୀ ନୀଳାଚ଼ଳ ସେବା ସଂଘର ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ରବୀନ୍ଦ୍ର ନାଥ ପ୍ରଧାନ ସେମାନଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଓ ଏଠାରେ ସନ୍ଧ୍ୟା ୫ଟା ବେଳେ ରଥଟଣାର ଶୁଭାରମ୍ଭ ହୋଇଥିଲା। ହାଉଜଖାସ ଭିଲେଜ ସ୍ଥିତ ଶ୍ରୀ ଜଗନ୍ନାଥ ମାର୍ଗରେ ଅରବିନ୍ଦ ପ୍ଲେସ ମାର୍କେଟ ପର୍ଯ୍ୟନ୍ତ ରଥଟିକୁ ଟଣାଯାଇ ପୁଣି ମନ୍ଦିର ବେଢ଼ା ନିକଟକୁ ଫେରାଇ ଅଣାଯାଇଥିଲା। ଦିଲ୍ଲୀର ରାଜ ରାସ୍ତାରେ ରାଜକୀୟ ରଥ ଉପରେ ମହାପ୍ରଭୁଙ୍କର ବାହୁଡ଼ାଯାତ୍ରା ଏବଂ ଜନଗହଳି ମଧ୍ୟରେ ଭକ୍ତ ଓ ଭଗବାନଙ୍କର ଅପୂର୍ବ ଚ଼କ୍ଷୁ ମିଳନର ଦୃଶ୍ୟ ବେଶ୍ ହୃଦୟସ୍ପର୍ଶୀ ଥିଲା। ମନ୍ଦିର ଅଗଣାକୁ ଫେରିବା ପରେ ରଥ ଉପରେ ବିଦ୍ୟମାନ ଜଗତର ନାଥ ଶ୍ରୀ ଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନ, ଭକ୍ତ ମାନଙ୍କୁ ଦିବ୍ୟ ଦର୍ଶନ ପ୍ରଦାନ କରିଥିଲେ। ବିଳମ୍ବିତ ରାତିରେ ପୁଣି ସାହିରୋଷଣୀ କରାଯାଇ ଚ଼ତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥ ଉପରୁ ନିଆଯାଇ ନାଟ୍ୟ ମଣ୍ଡପଠାରେ ଆସୀନ କରାଯାଇଥିଲା। ମହାପ୍ରଭୁ ନାଟ୍ୟମଣ୍ଡପ ଠାରେ ଆସନ୍ତା ୮ ତାରିଖ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଅବସ୍ଥାନ କରିବେ ବୋଲି ମନ୍ଦିର ପରିଚ଼ାଳନା କମିଟି ସୂତ୍ରରୁ ପ୍ରକାଶ। ବାହୁଡ଼ା ଯାତ୍ରା ଅବସରରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏମଧ୍ୟରେ ପ୍ରଖ୍ୟାତ ନୃତ୍ୟ ସଂରଚ଼କ ଶାଶ୍ୱତ ଯୋଶୀ ଏବଂ ସାଥି ଙ୍କର ମନଲୋଭା ନୃତ୍ୟ,ସମ୍ବଲପୁରର ଟ୍ରାଇବାଲ ଏଣ୍ଡ ଫୋକ ଆର୍ଟ ସେଣ୍ଟରର କଳାକାର ମାନଙ୍କ ଦ୍ୱାରା ଦମଦାର ସମ୍ବଲପୁରୀ ଲୋକ ନୃତ୍ୟ ଓ ପ୍ରସିଦ୍ଧ କଣ୍ଠଶିଳ୍ପୀ ଇରା ମହାନ୍ତି, ସୌରଭ ଭରଦ୍ୱାଜ ଏବଂ ଦିପ୍ତିମୟୀ ଦାସ ଙ୍କ ଦ୍ୱାରା ସୁମଧୁର ଭଜନ ପରିବେଷଣ ଆଦି ଅନ୍ତର୍ଭୁକ୍ତ ଥିଲା। ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁଦକ୍ଷ ଉପସ୍ଥାପିକା ସ୍ୱର୍ଣ୍ଣପ୍ରଭା ପତି ସୂଚ଼ାରୁ ରୂପେ ସଞ୍ଚାଳନା କରିଥିଲେ। ବାହୁଡ଼ା ଯାତ୍ରାକୁ ଦକ୍ଷତାର ସହିତ ଆୟୋଜନ ଏବଂ ସଫଳତା ସହିତ ସମାପନ କରାଯିବାରେ ମନ୍ଦିର ପରିଚ଼ାଳନା କମିଟି ଶ୍ରୀ ନୀଳାଚ଼ଳ ସେବାସଙ୍ଘର ସୁଦକ୍ଷ ସଙ୍ଗଠକ ବୃନ୍ଦ ଯଥା ସଭାପତି ବିଘ୍ନେଶ୍ୱର ରାଉତ, ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ, ଡ଼ଃ ଅଶୋକ ଚୌଧୁରୀ,ଅଭୟ ପ୍ରଧାନ, ଅଶୋକ ପ୍ରଧାନ(କ), କ୍ଷୀରୋଦ ପାତ୍ର,ଗଜେନ୍ଦ୍ର ସାମନ୍ତ, ଅଭିରାମ ସୁତାର, ଅଶୋକ ପ୍ରଧାନ (ଖ), ଜିତେନ୍ଦ୍ର ମହାପାତ୍ର, ଅଜୟ ପ୍ରଧାନ, ପଙ୍କଜ ମହାନ୍ତି, ନିଶୀଦ୍ଧ କୁମାର ଦାଶ, ରଙ୍କନିଧି ସାହୁ, ବିଜୟ ସାହୁ, ଦିଲ୍ଲୀପ କୁମାର ସ୍ୱାଇଁ, ସନାତନ ମିଶ୍ର, ବିଜୟ କୁମାର ସାହୁ, ଅମୁଲ୍ୟ ଓଝା, ସୁକାନ୍ତ ସାହୁ, ଏବଂ ମନ୍ଦିର ମୁଖ୍ୟ ପରିଚ଼ାଳକ ରଶ୍ମି ରଞ୍ଜନ ବେହେରା ତଥା ସହପରିଚ଼ାଳକ ଶଶୀକାନ୍ତ ସାହୁ, ସଂଜୀବ ଜେନା ଓ ମନ୍ଦିରର ପୂଜକବୃନ୍ଦ ଯଥା ସନାତନ ପାଢ଼ୀ, ଦେବବ୍ରତ ମିଶ୍ର, ଜଗବନ୍ଧୁ ଦାଶ, ପ୍ରେମାନନ୍ଦ ଶତପଥି, ସନ୍ତୋଷ ପଣ୍ଡା ଓ ପ୍ରଶାନ୍ତ ଦାଶ ପ୍ରମୁଖଙ୍କର ଭୂମିକା ଉଲ୍ଲେଖଯୋଗ୍ୟ ଥିଲା।



# ବିଶାଖାପାଟଣା ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା ସମ୍ପନ୍ନ

ବିଶାଖାପାଟଣା, (ପି.ଏନ): ବିଶାଖାପାଟଣାଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପବିତ୍ର ବାହୁଡ଼ା ଯାତ୍ରା ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଲସନସ ବେ କଲୋନୀସ୍ଥିତ ଶ୍ରୀ ଗୁଣ୍ଡିଚ଼ା ମନ୍ଦିରର ଆଡ଼ପ ମଣ୍ଡପ ଉପରେ ବିରାଜମାନ ଚ଼ତୁର୍ଦ୍ଧା ମୂର୍ତ୍ତିଙ୍କର ସାମ୍ନାରେ ସକାଳେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସମ୍ପନ୍ନ କରାଯାଇଥିଲା। ଦିନ ୪ ଟା ବେଳେ ଚ଼ାରି ଠାକୁରଙ୍କୁ ବାଦ୍ୟ ଓ କୀର୍ତ୍ତନର ତାଳେ ତାଳେ ଧାଡ଼ି ପହଣ୍ଡି କରାଯାଇ ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ସୁନ୍ଦର, ସୁଶୋଭିତ ଓ ରଙ୍ଗବେରଙ୍ଗ କପଡ଼ାରେ ସୁସଜ୍ଜିତ ରଥ ଉପରକୁ ନିଆଯାଇଥିଲା। ଏହାପରେ ବିଶିଷ୍ଟ ସମାଜସେବୀ,ଓରିଶା ଷ୍ଟେଭେଡୋର୍ସ ଲିମିଟେଡର ଉପ-ସଭାପତି ତଥା ମନ୍ଦିର ପରିଚ଼ାଳନା କମିଟି ଉତ୍କଳ ସାଂସ୍କୃତିକ ସମାଜର ସଭାପତି ଜୀତେନ୍ଦ୍ର କୁମାର ନାୟକ ପାରମ୍ପରିକ ଛେରା ପହଁରା କାର୍ଯ୍ୟ କରିଥିଲେ। ସନ୍ଧ୍ୟା ପାଞ୍ଚଟା ବେଳେ ରଥ ଟଣାର ଶୁଭାରମ୍ଭ କରାଯାଇଥିଲା। ଉପସ୍ଥିତ ଭକ୍ତଙ୍କର ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ଏବଂ ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗର ଗହ ଗହ ନାଦ ତଥା ଭଜନ, କୀର୍ତ୍ତନର ମୃଦୁ୍ୟମନ୍ଦ ଆବାଜ ମଧ୍ୟରେ ବିଶାଖାପାଟଣାର ରାଜ ରାସ୍ତାରେ ରାଜକୀୟଠାଣିରେ ମହାପ୍ରଭୁଙ୍କର ରଥ ଗଡି ଗଡି ଚ଼ାଲିବାର ଦୃଶ୍ୟ ଅନନ୍ୟ ଓ ଅଭୁଲା ଥିଲା। ରଥଟିକୁ ଶାନ୍ତି ଆଶ୍ରମ, ଭୁଡ଼ା ପାର୍କ, ଏୟୁ ଗେଟ୍, ଭୁଡ଼ା ଚ଼ିଲେଡ୍ରେନସ ଆରେନା ଏବଂ ଆକାଶବାଣୀ ବାଟ ଦେଇ ଟଣା ଯାଇ ଦଶପଲ୍ଲା ପାହାଡିରେ ଥିବା ମୁଖ୍ୟ ମନ୍ଦିରକୁ ରାତି ୮ ଟା ସୁଦ୍ଧା ଅଣା ଯାଇଥିଲା। ଏଠାରେ ରଷି ଥିବା ମହାଲକ୍ଷ୍ମୀ ପୂର୍ବରୁ ପ୍ରସ୍ତୁତ ଥାଇ ବଡ଼ ଠାକୁରଙ୍କ ମନ୍ଦିର ପ୍ରବେଶକୁ ରୋକି ଥିଲେ। କାରଣ ତାଙ୍କୁ ରଥଯାତ୍ରାରେ ସାମିଲ କରାଯାଇନଥିଲା। ଶ୍ରୀ ଜଗନ୍ନାଥ ଅବିଳମ୍ବେ ସୁସ୍ୱାଦୁ ରସଗୋଲା ପ୍ରଦାନ କରି ମାଆଙ୍କର ମାନଭଞ୍ଜନ କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ଏହି ଉପାଖ୍ୟାନର ନାଟକୀୟ ରୂପକରଣ ମଞ୍ଚସ୍ଥ କରାଯାଇଥିଲା । ଏହା ପରେ ଦିଅଁ ମାନଙ୍କୁ ରୋଷଣୀ କରାଯାଇ ରଥ ଉପରୁ ମୁଖ୍ୟ ମନ୍ଦିରକୁ ନିଆଯାଇ ରତ୍ନ ସିଂହାସନରେ ଆସୀନ କରାଯାଇଥିଲା। ଚ଼ଳିତ ବର୍ଷ ବାହୁଡ଼ା ଯାତ୍ରାରେ ସ୍ଥାନୀୟ ମାରୱାଡ଼ି ଯୁବମଞ୍ଚ ଓ ପଞ୍ଜାବ ସଂଘ ସକ୍ରୀୟ ସହଯୋଗ ପ୍ରଦାନ କରିଥିଲେ।ବାହୁଡ଼ା ଯାତ୍ରାର ସମଗ୍ର ଆୟୋଜନକୁ ସୁଚ଼ାରୁ ରୁପେ ସମ୍ପାଦନା କରିବାରେ ମନ୍ଦିର ପରିଚ଼ାଳନା କମିଟିର ସଭାପତି ଜୀତେନ୍ଦ୍ର କୁମାର ନାୟକ, ସାଧାରଣ ସମ୍ପାଦକ ବିମଳ କୁମାର ମହନ୍ତ, ଉପ-ସଭାପତି ଡ଼ଃ କରୁଣାକର ପାଢ଼ୀ, ଏସ.ଏନ. ସାହୁ ତଥା ସଦସ୍ୟ ବୃନ୍ଦ ବିଜୟ ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ସାହୁ, ବନମାଳୀ ସାହୁ ଓ ଅରୁଣ ଦାସ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ।



# ରାୟପୁର ଜଗନ୍ନାଥ ମନ୍ଦିରରେ ମହାସମାରୋହରେ ବାହୁଡ଼ା ଯାତ୍ରା ସମ୍ପନ୍ନ

ରାୟପୁର ,(ପି.ଏନ): ରାୟପୁରର ଗାୟତ୍ରୀ ନଗରରେ ଥିବା ଛତିଶଗଡ଼ର ସର୍ବବୃହତ ଜଗନ୍ନାଥ ମନ୍ଦିରଠାରେ ପବିତ୍ର ବାହୁଡ଼ା ଯାତ୍ରା ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଚ଼ତୁର୍ଦ୍ଧାମୂର୍ତ୍ତି ବିରାଜମାନ କରୁଥିବା ମନ୍ଦିରର ବେସମେଣ୍ଟସ୍ଥିତ ମାଉସୀ ମା' ଘରର ଆଡ଼ପ ମଣ୍ଡପ ସାମ୍ନାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅପରାହ୍ନ ସୁଦ୍ଧା ସମ୍ପନ୍ନ କରାଯାଇଥିଲା। ପାଞ୍ଚଟା ବେଳେ ଚ଼ାରି ଠାକୁରଙ୍କୁ ବାଦ୍ୟ, କୀର୍ତ୍ତନର ତାଳେ ତାଳେ ଧାଡ଼ି ପହଣ୍ଡି କରାଯାଇ ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ସୁନ୍ଦର, ସୁଶୋଭିତ ଓ ରଙ୍ଗବେରଙ୍ଗ କପଡ଼ାରେ ସୁସଜ୍ଜିତ ତିନି ରଥ ଉପରକୁ ନିଆଯାଇଥିଲା। ଏହାପରେ ବିଶିଷ୍ଟ ଅତିଥି ବୃନ୍ଦ ଛତିଶଗଡ ବିଧାନ ସଭାର ବିରୋଧୀ ଦଳର ନେତା ଚ଼ରଣ ଦାସ ମହନ୍ତ , ଭାଜପା ନେତା ରମେଶ ଠାକୁର



, ରାୟପୁର ମୁନିସିପାଲିଟିର ସଭାପତି ସୂର୍ଯ୍ୟକାନ୍ତ ରାଠୋଡ଼ ଏବଂ ହରିଭୂମିର ମୁଖ୍ୟ ସମ୍ପାଦକ ହିମାଂଶୁ ଦ୍ୱିବେଦୀ ପ୍ରମୁଖ ପାରମ୍ପରିକ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ମନ୍ଦିରର ପ୍ରତିଷ୍ଠାତା ଏବଂ ସ୍ଥାନୀୟ ବିଧାୟକ ପୁରନ୍ଦର ମିଶ୍ର ସେମାନଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ସନ୍ଧ୍ୟା ସାଢେ ପାଞ୍ଚଟା ସମୟରେ ରଥ ଟଣାର ଶୁଭାରମ୍ଭ କରଯାଇଥିଲା। ଉପସ୍ଥିତ ଭକ୍ତମାନଙ୍କର ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ଏବଂ ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଗହ ଗହ ନାଦ ତଥା ଭଜନ, କୀର୍ତ୍ତନର ମୃଦୁ୍ୟମନ୍ଦ ଆବାଜ ମଧ୍ୟରେ ମନ୍ଦିର ବେଢା ସାମନାରେ ରାଜକୀୟଠାଣିରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କର ବଡ଼ ଭାଇ ଶ୍ରୀ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କର ରଥ ଗୁଡ଼ିକ ଗଡି ଗଡି ଚ଼ାଲିବାର ଦୃଶ୍ୟ ଅନନ୍ୟ ଓ ଅଭୁଲା ଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ବେଢ଼ା ଚ଼ତୁଃପାର୍ଶ୍ୱ ଭ୍ରମଣ କରି ରଥ ଗୁଡ଼ିକ ମୁଖ୍ୟ ମନ୍ଦିର ସାମ୍ନାକୁ ଆସିଯାଇଥିଲା। ଏଠାରେ ରଷି ଥିବା ମହାଲକ୍ଷ୍ମୀ ପୂର୍ବରୁ ପ୍ରସ୍ତୁତ ଥାଇ ବଡ଼ ଠାକୁରଙ୍କ ମନ୍ଦିର ପ୍ରବେଶକୁ ରୋକି ଥିଲେ। କାରଣ ତାଙ୍କୁ ରଥଯାତ୍ରାରେ ସାମିଲ କରାଯାଇନଥିଲା। ଶ୍ରୀ ଜଗନ୍ନାଥ ଅବିଳମ୍ବେ ସୁସ୍ୱାଦୁ ରସଗୋଲା ପ୍ରଦାନ କରି ମାଆଙ୍କର ମାନଭଞ୍ଜନ କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ଏହି ଉପାଖ୍ୟାନର ନାଟକୀୟ ରୂପକରଣ ମଞ୍ଚସ୍ଥ କରାଯାଇଥିଲା । ସନ୍ଧ୍ୟା ୭ଟା ବେଳେ ସାହି ରୋଷଣୀ କରାଯାଇ ଶ୍ରୀ ଜୀଉ ମାନଙ୍କୁ ମନ୍ଦିର ମଧ୍ୟକୁ ନିଆଯାଇ ରତ୍ନ ସିଂହାସନରେ ଆସୀନ କରାଯାଇଥିଲା। ବାହୁଡ଼ା ଯାତ୍ରାର ସମଗ୍ର ଆୟୋଜନକୁ ସୁଚ଼ାରୁରୂପେ ସମ୍ପନ୍ନ କରିବାରେ ମନ୍ଦିର ପରିଚ଼ାଳନା କମିଟିର ସଂରକ୍ଷକ ବୃନ୍ଦ ଯଥା ସଭାପତି ପୁରନ୍ଦର ମିଶ୍ର, ସଦସ୍ୟ ମନ୍ମଥ କୁମାର ରାଉତ, ସୁବ୍ରତ ସାହୁ, ସୁବାସ ଅଗ୍ରୱାଲ, ଗୋପାଳ ଅଗ୍ରୱାଲ, ଦ୍ୱାରିକାଧୀଶ ମିଶ୍ର, ଗୁଣନିଧି ମିଶ୍ର,ଅଶୋକ ଦୁବେ, ଲଳିତ ପ୍ରଧାନ ଓ ପ୍ରକାଶ ଦାସ ପ୍ରମୁଖଙ୍କର ଭୂମିକା ଉଲ୍ଲେଖଯୋଗ୍ୟ ଥିଲା।ଚ଼ଳିତ ଥର ରଥଯାତ୍ରାର ସଫଳତା ପାଇଁ ରାୟପୁର ନଗର ଉତ୍ତର ନିର୍ବାଚ଼ନ ମଣ୍ଡଳୀର ସମସ୍ତ ଭାଜପା ନେତା, କାର୍ଯ୍ୟକର୍ତ୍ତା ଓ କର୍ପୋରେଟର ବିଶେଷ କରି ଯୁବ ଓ ମହିଳା ସମ୍ପ୍ରଦାୟ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେଇଥିଲେ।

# ନଭି ମୁମ୍ବାଇର ଖାରଘରଠାରେ ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା ପାଳନ

ନଭି ମୁମ୍ବାଇ ,(ପି.ଏନ): ନଭି ମୁମ୍ବାଇର ଖାରଘରଠାରେ ଅବସ୍ଥିତ ଏକମାତ୍ର ଜଗନ୍ନାଥ ମନ୍ଦିରରେ ମହାସମାରୋହରେ ପବିତ୍ର ବାହୁଡ଼ା ଯାତ୍ରା ପାଳନ କରାଯାଇଥିବା ଜଣାଯାଇଛି। ମହାରାଷ୍ଟ୍ର ଓଡ଼ିଆ କଲ୍ୟାଣ ସଂଘ (ମୋୱା)ଦ୍ୱାରା ଆୟୋଜିତ ଏହି ଭବ୍ୟ ଉତ୍ସବ ଉପଲକ୍ଷେ ବଢିଭୋରରୁ ହରିହର ପୀଠ ଠାରେ ଥିବା ଗୁଣ୍ଡିଚ଼ା ମନ୍ଦିରର ଆଡ଼ପ ମଣ୍ଡପରେ ବିରାଜମାନ କରିଥିବା ଚ଼ତୁର୍ଦ୍ଧା ମୂର୍ତ୍ତିଙ୍କର ସାମ୍ନାରେ ସ୍ୱତନ୍ତ୍ର ନୀତିକାନ୍ତି ଓ ପୂଜାର୍ଚ୍ଚନା ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା। ଅପରାହ୍ନରେ ହରିବୋଲ ହୁଳହୁଳି ଜୟ ଜଗନ୍ନାଥ ଏବଂ ଶଙ୍ଖଧ୍ୱନୀ ତଥା ବାଦ୍ୟ କୀର୍ତ୍ତନ ର ତାଳେ ତାଳେ ଚ଼ାରିଠାକୁରଙ୍କୁ ପୂଜକ ଓ ଭକ୍ତ ମାନେ ଧାଡି ପହଣ୍ଡି କରି ଗୁଣ୍ଡିଚ଼ା ମନ୍ଦିର ସାମ୍ନାରେ ଦଣ୍ଡାୟମାନ ଥିବା ସୁନ୍ଦର ଓ ସୁଶୋଭିତ ରଥ ଉପରକୁ ଆଣିଥିଲେ। ଅପରାହ୍ନ ଦୁଇଟା ସମୟରେ ମୌୱାର ଟ୍ରଷ୍ଟି ଓ ସଭାପତି ଡ଼ଃ ଭଗବାନ ପଣ୍ଡା ପାରମ୍ପରିକ ଛେରା ପହଁରା ନୀତି ସମ୍ପନ୍ନ କରିଥିଲେ। ଦିନ ଚ଼ାରିଟା ସମୟରେ ରଥ ଟଣା କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା। ହରିହର ପୀଠ ଠାରେ ଉପସ୍ଥିତ ସହସ୍ରାଧିକ ଭକ୍ତମାନେ ରଥଟିକୁ ଟାଣି ଟାଣି ମୁଖ୍ୟ ମନ୍ଦିରର ବେଢ଼ାକୁ ସନ୍ଧ୍ୟା ସୁଦ୍ଧା ଫେରାଇ ଆଣିଥିଲେ। ଖାରଘରର ରାଜରାସ୍ତାରେ ରାଜକୀୟ ରଥ ଉପରେ ମହାପ୍ରଭୁଙ୍କର ବାହୁଡା ଯାତ୍ରା ବେଶ ହୃଦୟସ୍ପର୍ଶୀ ଥିଲା।ଭକ୍ତ ଓ ଭଗବାନଙ୍କର ଅପୂର୍ବ ମିଳନ ଅନନ୍ୟ ଓ ଅନୁପମ ଥିଲା।ମନ୍ଦିର ଅଗଣାକୁ ଫେରିବା ପରେ ରଥ ଉପରେ ଜଗତର ନାଥ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର , ଭଉଣୀ ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନ ଭକ୍ତମାନଙ୍କୁ ଦିବ୍ୟ ଓ ଭବ୍ୟ ଦର୍ଶନ ପ୍ରଦାନ କରିଥିଲେ। ରଥ ଉପରେ ଠାକୁର ମାନେ ଆସନ୍ତା ଦୁଇଦିନ ଧରି ରହିବେ ବୋଲି ପରିଚ଼ାଳନା କମିଟି ସୂତ୍ରରୁ ପ୍ରକାଶ ଓ ଆସନ୍ତା ଛଅ ତାରିଖରେ ରଥରେ ହିଁ ସୁନା ବେଶ ଏବଂ ଏକାଦଶୀ ଆଦି ବିଧି ସମ୍ପନ୍ନ କରାଯିବା ପରେ ସାତ ତାରିଖ ଦିନ ବିଳମ୍ବିତ ରାତିରେ ସାହି ରୋଷଣୀ କରାଯାଇ ଚ଼ାରିଦିଅଁଙ୍କୁ ରଥ ଉପରୁ ମୁଖ୍ୟ ମନ୍ଦିର ଭିତରକୁ ନିଆଯାଇ ରତ୍ନ ସିଂହାସନ ରେ ଆସୀନ କରାଯିବ ବୋଲି ଜଣାଯାଇଛି ଓ ସମଗ୍ର ବାହୁଡା ଯାତ୍ରା ଉତ୍ସବକୁ ସୂଚ଼ାରୁ ରୂପେ ଆୟୋଜନ କରିବାରେ ମହାରାଷ୍ଟ୍ର ଓଡ଼ିଆ କଲ୍ୟାଣ ସଂଘର ଟ୍ରଷ୍ଟିବୃନ୍ଦ ଯଥା:- ଡଃ ଭଗବାନ ପଣ୍ଡା, ବଳରାମ ପାତ୍ର, ଡଃ ମନୋଜ କୁମାର ନାୟକ, ଡଃ କେତନ ଗୋଖଲେ,ବି.ସି. ଖଟୁଆ, କ୍ୟାପଟେନ ଏସ୍. ପି. ରାଓ, ବିଘ୍ନରାଜ ପରିଡ଼ା, ମାଗୁଣି ରାଉତ ଏବଂ ଉପ-ସଭାପତି ପି.ଏମ୍. ମହାପାତ୍ର ତଥା ଡଃ ରବି ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ ଉପଦେଷ୍ଟା ମଣ୍ଡଳୀ ଏବଂ ପରିଚ଼ାଳନା କମିଟିର ଅନ୍ୟାନ୍ୟ ସଦସ୍ୟମାନେ ଉଲ୍ଲେଖଯୋଗ୍ୟ ଭୂମିକା ନିର୍ବାହ କରିଥିଲେ।



ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray